Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 335
Friday, 13 February 2026
Balasore, Page : 8, ₹ 2/
ବାଲେଶ୍ୱର, ଶୁକ୍ରବାର, ୧୩ ଫେବୃୟାରୀ, ୨୦୨୬
ପୃଷ୍ଠା:୮, ମୂଲ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ରାଜ୍ୟବ୍ୟାପୀ ବାଟ ଓଗାଳିଲା ଭାରତ ବନ୍ଦ

ଭୁବନେଶ୍ୱର, ୧୨/୨ (ଆ.ପ୍ର) : ଶ୍ରମିକଙ୍କ ଗର୍ଜନରେ କମ୍ପୁଛି ଭାରତ । ଓଡ଼ିଶାରେ ଭାରତ ବନ୍ଦର ବିଗ୍ ଇମପାକ୍ଟ । ଶୂନ୍ୟଶାନ ରାଜପଥ ଓ ଗାଡ଼ରାସ୍ତା । ଜଟଳର ନେତାଜୀ ବସ୍ ଟର୍ମିନାଲ ଖାଲିଖାଲି । ଯେଉଁ ଆଡ଼େ ଦେଖୁଛେ ସିଆଡ଼େ ଶୁଭୁଛି ଶ୍ରମିକଙ୍କ ବିକ୍ଷୋଭର ସ୍ୱର । ରାଜ୍ୟର ୬ ପ୍ରମୁଖ ସହର ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର, ବଲାଙ୍ଗୀର, କଟକ ଓ ପାରାଦୀପରେ ସମାନ ଚିତ୍ର ଦେଖିବାକୁ ମିଳିଛି । ସଂଘଠିତ ଶାନ୍ତି ଶୃଙ୍ଖଳାରେ ପ୍ରତିବାଦ କରୁଛନ୍ତି ଆନ୍ଦୋଳନକାରୀ । ଆଉ ଭୁବନେଶ୍ୱରର ମଧ୍ୟ ଠିକ୍ ଏହିପରି ରହିଛି ପ୍ରଭାବ । ରାଜ୍ୟର କୀଁ କୀଁ ସ୍ଥାନରେ ଜଟେଳନା ଦେଖା ଦେଇଥିଲେ ମଧ୍ୟ ସ୍ଥିତି ସେଇଠି ଅପ୍ରତିକାର ପରିସ୍ଥିତି ପାଲଟିଛି । ହେଲେ ଭୁବନେଶ୍ୱରର ଆଚାର୍ଯ୍ୟ ବିହାରରେ ଫସି ରହିଥିଲା ବରଯାତ୍ରୀ ଗାଡ଼ି । ବିକ୍ଷୋଭକାରୀଙ୍କ ସହ ଅଲୋଚନା ପରେ ସ୍ଥିତି ସ୍ୱାଭାବିକ ହେଉଥିଲା । ସେହିପରି ବାଲେଶ୍ୱରରେ ମଧ୍ୟ ଆନ୍ଦୋଳନକାରୀଙ୍କ ଆଗ୍ରୋଶର ଶିକାର ହୋଇଥିଲେ ମଲ୍ କର୍ମଚାରୀ । ସକାଳୁ ସକାଳୁ ଆନ୍ଦୋଳନକାରୀ ମାନେ କିଛି ସଂଘ ଧରି ଭୁବନେଶ୍ୱର ଜୟଦେବ ବିହାରରେ ପ୍ରବଳ ହଙ୍ଗାମା କରିଥିଲେ । ଏନଏସ୍ ୧୬ଟୁ ବନ୍ଦ କରି ବିକ୍ଷୋଭ କରିଛନ୍ତି । କିଛି କିଛି ସ୍ଥାନରେ ଗାଡ଼ି ଚଳାଚଳ ବେଶ୍ ପ୍ରଭାବ ହୋଇଛି । କେନ୍ଦ୍ର ସରକାରଙ୍କ ଶ୍ରମିକ ନୀତିକୁ ବିରୋଧ କରି ୧୦ରୁ ଅଧିକ ଶ୍ରମିକ ସଂଗଠନ ଦେଶବ୍ୟାପୀ ଧର୍ମଘଟ ଓ ହରତାଳ କରୁଥିବାବେଳେ ସକାଳ ୬ରୁ ସନ୍ଧ୍ୟା ୬ଟା ଯାଏ ବନ୍ଦ ପାଳନ କରାଯାଇଛି । । କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ, ଚାଷୀ ବିରୋଧୀ ଏବଂ କର୍ପୋରେଟ୍ ସମର୍ଥକ ନୀତିକୁ ବିରୋଧ କରି ଏହି ବନ୍ଦ ହୋଇଛି । ଏହି ଧର୍ମଘଟକୁ କଂଗ୍ରେସ ସମର୍ଥନ କରିଛି । ସେପଟେ ରାୟଗଡା ସହରରେ ବଡ଼ ଦୁର୍ଘଟଣାରୁ ଅଳ୍ପରେ ବଚିଛନ୍ତି ଆନ୍ଦୋଳନକାରୀ । ଗିରିଗୁଡ଼ା ଜଙ୍କସନ ସେଠାରେ ସେଠାରେ ବସ ବ୍ରେକ ଫେଲ ହୋଇଥିଲା, କିନ୍ତୁ ଡ୍ରାଇଭରଙ୍କ ଉପସ୍ଥିତି ବୁଦ୍ଧି ଯୋଗୁଁ ବଡ଼ ଦୁର୍ଘଟଣା ଟଳିଯାଇଛି । ଭାରତ ବନ୍ଦର ପ୍ରଭାବ ଓଡ଼ିଶାରେ ବିଶେଷ ଭାବେ ପଡ଼ିଛି । ଉତ୍ସବନ୍ତ ହୋଇଛନ୍ତି ସାଧାରଣ ଜନତା । ସରକାରଙ୍କୁ ବିରୋଧ କରି ଶ୍ରମିକମାନେ କରୁଥିବା ପ୍ରତିବାଦ ଯୋଗୁ ଖୋଲିନି ଦୋକାନ ବଜାର, ଗଡ଼ିନି ଗାଡ଼ି କି ସାଧରଣ ଗରିବ ଲୋକଟିଏ ତା' ଜୀବନ ଜୀବିକା ନିର୍ବାହ ପାଇଁ ଦୈନନ୍ଦିନ କରୁଥିବା କାମ କରିପାରିନି ।

ଭାରତର ସବୁଠୁ ବଡ଼ ପ୍ରତିରକ୍ଷା ଚୁକ୍ତିକୁ ଡିଏସିର ମଞ୍ଜୁରୀ, କିଣାଯିବ ୧୧୪ ନୂଆ ରାଫେଲ୍ ଜେଟ

ନୂଆଦିଲ୍ଲୀ, ୧୨/୨(ନ୍ୟୁ.ଏ): ଭାରତୀୟ ବାୟୁସେନାର କାର୍ଯ୍ୟକ୍ଷମତା କ୍ଷମତା ବୃଦ୍ଧି କରିବାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ନେତୃତ୍ୱରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ଗୁରୁବାର ୧୧୪ଟି ରାଫେଲ ଯୁଦ୍ଧ ବିମାନ କ୍ରୟକୁ ଅନୁମୋଦନ କରିଛି । ଗୁରୁ ଅନୁଯାୟୀ ଚଳିତ ମାସ ଶେଷରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋଙ୍କ ଗତ ପୂର୍ବରୁ ୩.୨୫ ଲକ୍ଷ କୋଟି ଟଙ୍କାର ଏହି ମେଗା ଚୁକ୍ତିକୁ ମଞ୍ଜୁରି ମିଳିଛି । ଏହି ଚୁକ୍ତି ଅନୁସାରେ ୧୧୪ ରାଫେଲ ଯୁଦ୍ଧ ବିମାନ ମଧ୍ୟରୁ ୮୦ ପ୍ରତିଶତ ଘରୋଇ ଉତ୍ପାଦନ ହେବ ବୋଲି ଆଶା କରାଯାଉଛି । ଏହାଦ୍ୱାରା ମେକ୍ ଇନ୍ ଇଣ୍ଡିଆ ଫ୍ରେମୱାର୍କ ଅନୁଯାୟୀ ସ୍ୱଦେଶୀ ସାମଗ୍ରୀ ନିର୍ମାଣ ୬୦ ପ୍ରତିଶତ ପର୍ଯ୍ୟନ୍ତ ପହଂଚିପାରେ । ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ବିମାନ କ୍ରୟ ପାଇଁ ଅନୁମତି ପ୍ରଦାନ କରିଥିବା ସୂତ୍ରରୁ ଜଣାପଡ଼ିଛି । ପ୍ରତିରକ୍ଷା ସଚିବଙ୍କ ଅଧ୍ୟକ୍ଷତାରେ ବସିଥିବା ପ୍ରତିରକ୍ଷା କ୍ରୟ ବୋର୍ଡ଼ ରାଫେଲ ଅଧିଗ୍ରହଣ ପ୍ରସ୍ତାବକୁ ଗତ ମାସ ମଞ୍ଜୁରି ପ୍ରଦାନ କରିଥିଲା । ଏହାଦ୍ୱାରା ଡାସଲ୍ଟ ଆଭିଏସନ୍ ସହିତ ଆନୁଷଙ୍ଗିକ ଆଲୋଚନା ଅଧିକ ନିକଟତର ହୋଇପାରିବ । ରାଫେଲ ଯୁଦ୍ଧବିମାନ ଫ୍ରାନ୍ସର ଡାସଲ୍ଟ ଏଭିଏସନ ଦ୍ୱାରା ନିର୍ମାଣ କରାଯାଉଛି । ଭାରତର ପଶ୍ଚିମ ଓ ଉତ୍ତର ସୀମାରେ ବିପଦ ବଢ଼ୁଥିବାବେଳେ ଯୁଦ୍ଧ ବିମାନର ଅଭାବ ରହିଛି । ୪୨ ଯୁଦ୍ଧବିମାନ ପାଇଁ ଅନୁମତି ଥିଲେ ମଧ୍ୟ ଭାରତୀୟ ବାୟୁସେନା ପାଖରେ ମାତ୍ର ୨୯ଟି ଯୁଦ୍ଧ ବିମାନ ରହିଛି । ଫଳରେ ୩.୨୫ ଲକ୍ଷ କୋଟି ଟଙ୍କାର ଏହି ଚୁକ୍ତି ଭାରତୀୟ ଯୁଦ୍ଧବିମାନ ଅଧିଗ୍ରହଣ କ୍ଷେତ୍ରରେ ଏକ ବଡ଼ଧରଣର ଆପୁଡ଼ି ହେବ । ଏହି ଯୋଜନାରେ ୧୮ ଯୁଦ୍ଧବିମାନ ଉଡ଼ିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅବସ୍ଥାରେ ମିଳିବ ଓ ବାକି ୯୬ଟି ଯୁଦ୍ଧବିମାନକୁ ଭାରତରେ ଆସେମ୍ବଲ କରାଯିବ । ଭାରତୀୟ ବାୟୁସେନା ୮୮ଟି ସିଙ୍ଗଲ-ସିଟ୍ ଓ ୨୬ଟି ଟ୍ୱିନ୍ ସିଟ୍ ଯୁଦ୍ଧ ବିମାନ କିଣିବ । ଭାରତ ୨୦୨୦ରେ ପ୍ରଥମ ଥର ରାଫେଲ ଯୁଦ୍ଧବିମାନ ଅମ୍ବାଲାସ୍ଥିତ ବାୟୁସେନା ଷ୍ଟେସନରେ ଗ୍ରହଣ କରିଥିଲା, ପରେ ଏହାକୁ ସେନାରେ ସାମିଲ କରାଯାଇଥିଲା । ବର୍ତ୍ତମାନ ଭାରତ ଦୁଇଟି ରାଫେଲ ଯୁଦ୍ଧବିମାନ ମୁତୟନ କରିଛି ।

ନରାଜରେ ପୁଲିସ ଆଉଟପୋଷ୍ଟ ଓ କ୍ୟାମ୍ପସରେ ଚିଟ୍ ହାଉସ ସ୍ଥାପନ ପାଇଁ ନିର୍ଦ୍ଦେଶ

ଜଟକ, ୧୨/୨ (ଆ.ପ୍ର) : ରଚନିଶୀଳ ଅନୁଷ୍ଠାନ ସୁରକ୍ଷା, ଗରିମା ଓ ବୈଧିକ ସ୍ୱତନ୍ତ୍ରତାର ସ୍ଥାନ ହୋଇ ରହିବା ଉଚିତ ବୋଲି ହାଇକୋର୍ଟ କହିଛନ୍ତି । ଏଥି ସହିତ କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ(ଏନଏଲୟୁ) ପରିସରରେ ଓ ଏହାର ଆଖପାଖରେ ଏକ ଅନୁକୂଳ ଶେ ?ଶିକ୍ଷ ବାତାବରଣ ରକ୍ଷା ସହିତ ସୁରକ୍ଷା ଓ ଶୃଙ୍ଖଳା ସୁନିଶ୍ଚିତ କରିବାକୁ ହାଇକୋର୍ଟ ଗାଇଡଲାଇନ ଜାରି କରିଛନ୍ତି । ଏନଏଲୟୁ ଛାତ୍ରଙ୍କୁ ଅପହରଣ ଓ ଅସଦାଚରଣ ଅଭିଯୋଗ ସଂପର୍କିତ ମାମଲାର ଶୁଣାଣି କରି ଜଜ୍ଜ ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ନରାଜଠାରେ ପୁଲିସ ଆଉଟପୋଷ୍ଟ ସ୍ଥାପନ କରାଯିବା ସହ ସେଠାରେ ଜଣେ ସବ୍-ଇନ୍‌ସପେକ୍ଟର ପାହ୍ୟାର ଅଧିକାରୀ ଓ ଯଥେଷ୍ଟ କର୍ମଚାରୀଙ୍କୁ ମୁତୟନ କରାଯିବ । ସେହିଭଳି ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଚିଟ୍ ହାଉସ ସହ ୨୪ ଘଂଟିଆ ପୁଲିସ ମୁତୟନ ବ୍ୟବସ୍ଥା କରାଯିବା ଦିଗରେ ପଦକ୍ଷେପ ନେବା ପାଇଁ ପୁଲିସ କମିସନର ଓ କଟକ ଡିସିପିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏନଏଲୟୁର ପ୍ରାକ୍ତନ ଛାତ୍ର ଓ ପ୍ରଫୁଲ୍ଲ ମିଶ୍ରଙ୍କ ଅଧିକ ସୁରକ୍ଷାକର୍ମୀ, ପ୍ରମୁଖ ସ୍ଥାନରେ ସିସିଟିଭି କ୍ୟାମେରା, ଆଲୋକ ବ୍ୟବସ୍ଥା କରିବାକୁ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବେ । କ୍ୟାମ୍ପସର ଓ ଆଖପାଖ ଅଂଚଳରେ ପୁଲିସ ପାଟ୍ରୋଲିଂ କଡ଼ା କଡ଼ି କରାଯିବ । କ୍ୟାମ୍ପସ ଭିତରକୁ ନିଶାଦ୍ରବ୍ୟ ପ୍ରବେଶ ରୋକିବାକୁ ବ୍ୟାଗ୍ ଓ ଗାଡ଼ି ଯାଂଚ କଡ଼ାକଡ଼ି କରାଯିବ । ସନ୍ଦେହ ଜେଲେ ଛାତ୍ରଛାତ୍ରୀଙ୍କ ''ଗ୍ରେଭାଲାଇଜର ଟେଷ୍ଟ'' ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି । କ୍ୟାମ୍ପସରେ ଛାତ୍ରଛାତ୍ରୀ ?ଯେପରି ନିଷେଧ କରାଯାଇଥିବା ଦ୍ରବ୍ୟ ନ ଖାଆନ୍ତି ତାହା ସୁନିଶ୍ଚିତ କରିବା ପାଇଁ ନିୟମ ଅନୁସାରେ ହଷ୍ଟେଲ ପରିସର ଯାଂଚ କରିବେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ । ଯଦି କୌଣସି ଛାତ୍ରଛାତ୍ରୀ କ୍ୟାମ୍ପସ ଭିତରେ ନିଶା ସେବନ କରୁଥିବା ଧରାପଡ଼ନ୍ତି, ତେବେ ତୁରନ୍ତ ସେମାନଙ୍କ ଅଭିଭାବକଙ୍କୁ ଏ ନେଇ ସୂଚନା ଦିଆଯିବା ସହିତ ଉପଯୁକ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ କରାଯିବ । ସଂଧ୍ୟା ସମୟରେ ସ୍ଥାନୀୟ ବଜାରକୁ ଛାତ୍ରଛାତ୍ରୀଙ୍କ ସୁରକ୍ଷିତ ଓ ନିୟନ୍ତ୍ରିତ ଯାତାୟାତ ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ମୁଖ୍ୟ ସହରରୁ କ୍ୟାମ୍ପସରୁ ସ୍ୱତନ୍ତ୍ର ବସ ସେବାର ବ୍ୟବସ୍ଥା କରାଯିବ ।

ଶିକ୍ଷା ପକ୍ରିୟାକୁ ସହଜ କରିବ ବୋଧନ ଏଆଇ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ : ଶିକ୍ଷା ମଣ୍ଡଳୀକ ଷ୍ଟରୁ ଶିକ୍ଷା ପ୍ରକ୍ରିୟାକୁ ସହଜ ଓ ପ୍ରଭାବଶାଳୀ କରିବା ପାଇଁ 'ବୋଧନ ଏଆଇ'ର ଶୁଭାରମ୍ଭ କରାଯାଇଛି । ଏହା ଶିକ୍ଷକମାନଙ୍କୁ ସହାୟତା କରିବା ସହ ଛାତ୍ରଛାତ୍ରୀଙ୍କୁ ବ୍ୟକ୍ତିଗତ ଶିକ୍ଷା ପ୍ରଦାନରେ ସହାୟକ ହେବ । ଏଆଇ କେବଳ ଇଂରାଜୀ ଭାଷାରେ ସୀମିତ ନ ରହି ଭାରତୀୟ ଭାଷାଗୁଡ଼ିକରେ ଉପଲବ୍ଧ ହେବା ଉଚିତ୍ । ଏହା ଦ୍ୱାରା ଗ୍ରାମାଂଚଳର ଶେଷ ଧାଡ଼ିର ବିଦ୍ୟାର୍ଥୀ ମଧ୍ୟ ନିଜ ମାତୃଭାଷାରେ ଜଟିଳ ବିଷୟଗୁଡ଼ିକୁ ସହଜରେ ବୁଝିପାରିବେ । ନୂଆଦିଲ୍ଲୀ ଠାରେ ଆୟୋଜିତ 'ଭାରତ ବୋଧନ ଏଆଇ କନକ୍ଲେଭ୍'ରେ ଯୋଗଦେଇ ଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତର ସାମର୍ଥ୍ୟ ଉପରେ ଆଲୋକପାତ କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଭାରତକୁ ଏକ 'ଏଆଇ ଲିଡର' ଦେଶ ଭାବେ ଗଢିତୋଳିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପକୁ ଦୋହରାଇ ସେ ଶିକ୍ଷା କ୍ଷେତ୍ରରେ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସର ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱାରୋ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଭାରତର ଏଆଇ ନିକଟସ୍ଥ ଶୈବାରେ ସମାବେଶୀ, ସଂଗଠନମାନେ ପରସ୍ପର ସହଯୋଗୀ ଏବଂ ସାମର୍ଥ୍ୟରେ ସାର୍ବଭୌମ ହେବ । ଛାତ୍ରଛାତ୍ରୀମାନଙ୍କୁ ସଶକ୍ତ କରିବା ଏବଂ ଶିକ୍ଷକମାନଙ୍କୁ ସହାୟତା କରିବା ପାଇଁ ଆମକୁ ଶିକ୍ଷା କ୍ଷେତ୍ରରେ ଏଆଇକୁ ସାମିଲ କରିବାକୁ ହେବ । ଶିକ୍ଷାର ରୂପାନ୍ତରଣ ଏବଂ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ ମୁଁ ସମସ୍ତ ଅଂଶୀଦାରମାନଙ୍କୁ ମାପସୋଗ୍ୟ ବାୟିତ୍ୱସମ୍ପନ୍ନ, ନୈତିକ, ସମାବେଶୀ ଏବଂ ଭାରତ-କେନ୍ଦ୍ରିତ ସାର୍ବଭୌମ ଏଆଇ ମଡେଲ୍ ପ୍ରସ୍ତୁତ କରିବାକୁ ଆହ୍ୱାନ ଦେଇଛନ୍ତି । ଆଇଆଇଟି ବମ୍ବେ ଏବଂ ଆମେରିକାର କଲମ୍ବିଆ ୟୁନିଭରସିଟି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହା ମାଧ୍ୟମରେ ମାନୁଫାକଚରିଂ କ୍ଷେତ୍ରରେ ଏଆଇର ବ୍ୟବହାର ପାଇଁ ଏକ ଯୁଗ୍ମ ଗବେଷଣା କେନ୍ଦ୍ର ସ୍ଥାନ କରାଯିବ । ଏଆଇ ମାଧ୍ୟମରେ ଶିକ୍ଷକମାନଙ୍କ ବସ୍ତତା ବୃଦ୍ଧି ଓ ନୂତନ ପାଠ୍ୟକ୍ରମର ସରଳିକରଣ ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଆଗାମୀ ଦିନରେ ଦେଶର ୩ଂ କୋଟି ଛାତ୍ରଛାତ୍ରୀ ଓ କୋଟି କୋଟି ଶିକ୍ଷକଙ୍କ ପାଇଁ ଏକ ଡିଜିଟାଲ୍ ପବ୍ଲିକ ଇନଫ୍ରାଷ୍ଟ୍ରକଚର ନିର୍ମାଣ କରାଯିବ । ସେ ଆହୁରି କହିଛନ୍ତି ଯେ ୨୦୩୪ ସୁଦ୍ଧା ଭାରତର ଅର୍ଥନୀତିରେ ଏଆଇର ଅବଦାନ ୧.୭ ଟ୍ରିଲିୟନ ଡଲାରରେ ପହଂଚିବାର ସମ୍ଭାବନା ରହିଛି । ଏଆଇ କେବଳ ଏକ ଟେକ୍ନୋଲୋଜି ନୁହେଁ, ବରଂ ଏହା ଭାରତର 'ଆଦିବାସେନାଲ୍ ଇଣ୍ଟିଆ' ବା ମାନବୀୟ ସମ୍ବଳର ଆକାଂଷାକୁ ପୂରଣ କରିବା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ ।

ଜମି ପଟ୍ଟାରେ ରହିବ କ୍ୟୁଆର କୋଡ

ଭୁବନେଶ୍ୱର : ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ଜମି ଜାଲିଆତି ମାମଲାରୁ ଉଦ୍ଧିଳେଇ ପଟ୍ଟାଛପାଇବାକୁ ସରକାର ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିଛନ୍ତି । ଏଥିକି ଜମି ପଟ୍ଟାରେ ରହିବ କ୍ୟୁଆର କୋଡ୍ । ଏହାକୁ ସ୍କାନ କରି ସମ୍ପୃକ୍ତ ଜମିର ସମସ୍ତ ବିବରଣୀ ଜାଣିହେବ ଓ କେହି ଏହାକୁ ଜାଲିଆତି କରି ବିକ୍ରି ପାଇଁ ଉଦ୍ୟମ କଲେ ସମ୍ପୃକ୍ତ ଅଂଚଳର ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କ ପାଖକୁ ସତର୍କ ସୂଚନା ମଧ୍ୟ ଯିବ । ଏଭଳି ଜ୍ଞାନକୌଶଳ ସମ୍ବଳ ଜମି ପଟ୍ଟା ପ୍ରସ୍ତୁତ ପାଇଁ ଭାଇୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ଗିରାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ପ୍ରସ୍ତୁତ ଜମି ମାଲିକଙ୍କୁ ସୁରକ୍ଷା ଦେବା ସହ ଜମି ମାଫିଆ ଓ ଦଲାଲଙ୍କ ପ୍ରାଦୁର୍ଭାବ ହ୍ରାସ ନିମନ୍ତେ ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । କେନ୍ଦ୍ର ସରକାରଙ୍କ ସହ ମିଶି ଓଡ଼ିଶାରେ ଜମି କାରବାରକୁ ଅଧିକ ସ୍ୱଚ୍ଛ ଓ ନିରାପଦ କରିବା ନିମନ୍ତେ ଏକ ସ୍ୱୈଚ୍ଛିକ ପଦକ୍ଷେପ ନେବାକୁ ଯାଉଛନ୍ତି । ଜମିକମା ସଂକ୍ରାନ୍ତ ଜାଲିଆତି ଓ ଠକେଇକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ ପାଇଁ ଏଣିକି ଜମି ପଟ୍ଟାରେ କ୍ୟୁଆର କୋଡ୍ ବ୍ୟବସ୍ଥା କରାଯିବ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ଆଜି ଗରମାଧ୍ୟମକୁ ସୂଚନା ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ କହିବା ଅନୁସାରେ, ଆଗାମୀ ଦିନରେ ଜମି ପଟ୍ଟା ବା କେଳେର୍ଡ ଅଫ ରାଇଟସରେ ଏକ ସ୍ୱତନ୍ତ୍ର କ୍ୟୁଆର କୋଡ୍ ରହିବ । ଏହି କୋଡ୍‌କୁ ସ୍କାନ୍ କରିବା ମାତ୍ରେ ସମ୍ପୃକ୍ତ ଜମିର ସମ୍ପୂର୍ଣ୍ଣ ବିବରଣୀ ଓ ଏହାର ଇତିହାସ ମୋବାଇଲ ସ୍କ୍ରିନରେ ଉପଲବ୍ଧ ହେବ । ଏହି ଡିଜିଟାଲ ଯାଂଚ ପ୍ରକ୍ରିୟା ମାଧ୍ୟମରେ ଜମି କିଣିବାକୁ ଚାହୁଁଥିବା ବ୍ୟକ୍ତି ବୃତ୍ତକ ଜମିର ମାଲିକାନା ସତ୍ୱ କାହା ନାଁରେ ଅଛି ଓ ଏଥିରେ କୌଣସି ଆଇନଗତ ସମସ୍ୟା ରହିଛି କି ନାହିଁ ତାହା ମଧ୍ୟ ଜାଣିପାରିବେ । ଏହି ନୂଆ ବ୍ୟବସ୍ଥାରେ ସବୁଠୁ ବଡ଼ ବିଶେଷତ୍ୱ ହେଉଛି ଏହାର ସୁରକ୍ଷା ବ୍ୟବସ୍ଥା । ଯଦି କେହି ଜାଲିଆତି କରି ଜମି ବିକ୍ରି ପାଇଁ ପ୍ରୟାସ କରେ, ତା'ହେଲେ ସମ୍ପୃକ୍ତ ଜମି ଥିବା ଅଂଚଳର ଆରଆଇ(ରାଜସ୍ୱ ନିରୀକ୍ଷକ) ଓ ତହସିଲଦାରଙ୍କ ପାଖକୁ ଆଲର୍ଟ ମେସେଜ୍ ପଠାଇବ । ଏଥିଦ୍ୱାରା କେଉଁଠାରେ କାରବାର ଚାଲିଛି ତାହା ସମ୍ପର୍କରେ ପ୍ରଶାସନ ସଚେତନ ହୋଇପାରିବ ଓ ଦଲାଲଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାର ସୁଯୋଗ ପାଇପାରିବ । ଏହି ବ୍ୟବସ୍ଥା ଜମି କିଣାବିକାରେ ସ୍ୱଚ୍ଛତା ଆଣିବାରେ ସହାୟକ ହେବ । କେବଳ ଏହି କ୍ୟୁଆର କୋଡସୁଦ୍ଧ ଜମି ପଟ୍ଟା ନୁହେଁ, ବିଭାଗ ପକ୍ଷରୁ ଖୁବଶୀଘ୍ର ରାଜ୍ୟବ୍ୟାପୀ ଜମି ସର୍ବେକ୍ଷଣ ପାଇଁ ମଧ୍ୟ ସରକାର ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି । ସରକାରୀ ଓ ଘରୋଇ ଜମିର ସୀମା ନିର୍ଦ୍ଧାରଣ ଏହି ସର୍ବେକ୍ଷଣ ମାଧ୍ୟମରେ କରାଯିବ । ପୂର୍ବରୁ ବିଭିନ୍ନ ବିଭାଗକୁ ଦିଆଯାଇଥିବା ଜମିର ବର୍ତ୍ତମାନର ସ୍ଥିତି ଓ ଉପଯୋଗ ସମ୍ପର୍କରେ ମଧ୍ୟ ସଠିକ୍ ତାଟାବେସ୍ ସରକାରଙ୍କ ପାଖରେ ଉପଲବ୍ଧ ହୋଇପାରିବ । ଯାହାଦ୍ୱାରା ସରକାରୀ ଜମିର ସୁପରିଚାଳନା ଓ ଶୃଙ୍ଖଳିତ ଢଙ୍ଗରେ ଉପଯୋଗ କ୍ଷେତ୍ରରେ ଉତରଦାୟିତ୍ୱ ରହିପାରିବ ବୋଲି ବିଭାଗ ଗୁରୁତ୍ୱ ଜଣାପଡ଼ିଛି ।

ନିପା ଭାଇରସରେ ପଶ୍ଚିମବଙ୍ଗରେ ପ୍ରଥମ ମୃତ୍ୟୁ



ନୂଆଦିଲ୍ଲୀ , ୧୨/୨(ନ୍ୟୁ.ଏ): ନିପା ଭାଇରସରେ ପଶ୍ଚିମବଙ୍ଗରେ ପ୍ରଥମ ମୃତ୍ୟୁ ମାମଲା ଆସିଛି । ପଶ୍ଚିମବଙ୍ଗର ନର୍ଥ ୨୪ ପରଗନା ଜିଲ୍ଲାର ଏକ ପ୍ରାଇଭେଟ୍ ହସ୍ପିଟାଲରେ ନିପା ଭାଇରସ ଇନ୍ଫେକ୍ସନ ସହ ଜଡ଼ିତ ୨୫ ବର୍ଷର ଏକ ନର୍ସଙ୍କ ଗୁରୁବାର (୧୨ ଫେବୃଆରୀ)ରେ ମୃତ୍ୟୁ ହୋଇଛି । ନିକଟରେ ଜଡିତାବସରେ ପଶ୍ଚିମ ବଙ୍ଗରେ ଏହି ଭାଇରସରେ ଏହି ପ୍ରଥମ ମୃତ୍ୟୁ । ହସ୍ପିଟାଲ ସୂତ୍ରାନୁସାରେ କହିଛି ଯେ, ନର୍ସ ଜଣକ ସେହି ବୁଲ ଲୋକଙ୍କ ମଧ୍ୟରେ ଜଣେ ଥିଲେ, ଯିଏ ନିପା ଭାଇରସରେ ସଂକ୍ରମିତ ହୋଇଥିଲେ ଏବଂ ଅନେକ ସପ୍ତାହରୁ ଚିକି

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଦୈନିକ
ଆରମ୍ଭ
SEITHO ARAMBHA

ଶୁକ୍ରବାର, ୧୩ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୨

ଡୁଟୁକା ଗାଁରେ ବ୍ଲକ କଂଗ୍ରେସ ତରଫରୁ ବନ୍ଧୁ ମିଳନ

ଟିକାବାଲି, ୧୨/୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ଅନ୍ତର୍ଗତ କଟିମାହା ଗ୍ରାମପଂଚାୟତ ନିଜଟପ୍ପୁ ଡୁଟୁକା ଗାଁ ଠାରେ ବ୍ଲକ କଂଗ୍ରେସ ସଭାପତି ଶ୍ରୀ ମଂଟୁ ଭୋଇଙ୍କ ସଭାପତିତ୍ୱରେ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ କଂଗ୍ରେସ ନେତାଙ୍କୁ ଉତରୀୟ ସହିତ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ମୁଖ୍ୟ ଆଳର୍ଷ, ମୁଖ୍ୟ ଅତିଥି ଭାବେ ଗୁ. ଭବଗିରି ବିଧାୟକ ଶ୍ରୀଯୁକ୍ତ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବରିଷ୍ଠ କଂଗ୍ରେସ ନେତା, ପୂର୍ବତନ ସରପଂଚ ଜଳରାମ ବାଙ୍କ, ଦେବରାଜ କର୍ଣ୍ଣିର, ସମୀର ଭୋଇ, ବିରାଟ ଭୋଇ, ଚକାପାଦ ବ୍ଲକ କଂଗ୍ରେସର ବରିଷ୍ଠ ସଭ୍ୟେତ୍ତ ପ୍ରଧାନ, କଟିମାହା କଂଗ୍ରେସ ସଭାପତି ରାଜକିଶୋର କର୍ଣ୍ଣିର, ଜିତେନ୍ଦ୍ର ଭୋଇ, ବାସୁଦେବ ବିଗାଲ, ମହାଦେବ ବିଗାଲ ପ୍ରମୁଖ ବିଭିନ୍ନ ଅଂଚଳ ତଥା ବ୍ଲକରୁ କଂଗ୍ରେସର କର୍ମକର୍ତା ଯୋଗ ଦେଇଥିଲେ । ଆଜିର ଏହି ବନ୍ଧୁ ମିଳନ ଅବସରରେ ବିଧାୟକ ଶ୍ରୀ ପ୍ରଧାନ ଆଗାମୀ ପଂଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଅଂଚଳର ସମସ୍ତ କଂଗ୍ରେସ କର୍ମକର୍ତାଙ୍କୁ ଏବଂ କର୍ମୀଙ୍କୁ ବଳର ନେତା ରାହୁଲ ଗାନ୍ଧୀଙ୍କ ଆଦର୍ଶକୁ ଅନୁପ୍ରାଣିତ ହୋଇ କଂଗ୍ରେସକୁ ମଜୁତର କରିବା ପାଇଁ ଆହ୍ୱାନ ଦେଇଥିଲେ । ନୂତନ ଭାବରେ ବ୍ଲକ କଂଗ୍ରେସ ସଭାପତି ମଂଟୁ ଭାଇ ଓ ବିଧାୟକ ଶ୍ରୀ ପ୍ରଧାନଙ୍କୁ କଟିମାହା ଗ୍ରାମପଂଚାୟତରୁ ଡୁଟୁକା ଛକ ପର୍ଯ୍ୟନ୍ତ ଅଂଚଳର କଂଗ୍ରେସ ପ୍ରେମୀ କର୍ମକର୍ତା ତଥା ମା ଭାଇ ଓ ଭଉଣୀ ପଛ ଟି ନେଇଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ସଭାପତି ମଂଟୁ ଭାଇଙ୍କୁ ସ୍ୱାଗତ କରିବା ସହିତ ଜାତୀୟ କଂଗ୍ରେସ ନାରା ରେ ଜମ୍ମି ଉଠିଥିଲା । କଂଗ୍ରେସ କର୍ମୀ କର୍ମକର୍ତା ୫୦୦ରୁ ଊର୍ଦ୍ଧ୍ୱ ଯୋଗ ଦେଇଥିବା ଦେଖିବାକୁ ମିଳିଛି ।

ଏନ୍.ଜି. ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ ନିଆରା ଢଙ୍ଗରେ ପାଳିତ

ବାସୁଦେବପୁର, ୧୨/୨ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ସୋରା ବ୍ଲକ ଅନ୍ତର୍ଗତ ହଦେଜିଗଣ୍ଡିତରା ତଳନଗର ଦାସସାହିରେ ଅବସ୍ଥିତ ଏନ୍.ଜି. ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ ଆଡମ୍ବରପୂର୍ଣ୍ଣ ଓ ନିଆରା ଢଙ୍ଗରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ନିଜ ଅଭିଲାଷରେ କହିଥିଲେ । ସମ୍ମାନରେ ତତ୍ର ମଣିଷଙ୍କ ଅଭାବ ନାହିଁ, କିନ୍ତୁ ଭଲ ମଣିଷ ଗଢ଼ି ତୋଳିବା ଅତ୍ୟାବଶ୍ୟକ । ବିଶେଷ ଆକର୍ଷଣ ଥିଲା ଛାତ୍ରଛାତ୍ରୀଙ୍କ ସଂସ୍କୃତିକ କାର୍ଯ୍ୟକ୍ରମ । ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣଗିଣ୍ଡିପୁର କୁଷ୍ଠରୋଗ ସି.ଆଁ.ସି.ସି. ଶ୍ରୀ କିଶୋର ଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ଶ୍ରୀ ଅନନ୍ତ କୁମାର ପାତ୍ର ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ଭାବେ ଶ୍ରୀ ଦୈତାରୀ ପଲାଲ, ଶ୍ରୀ ରମାକାନ୍ତ ମହାପାତ୍ର, ବଟକୃଷ୍ଣ କବି, ଶ୍ରୀ ଅମିୟ କୁମାର ପଟ୍ଟନାୟକ, ଶ୍ରୀ ପ୍ରଣବ କୁମାର ଦାସ ଓ ଶ୍ରୀ ଫୁଲୁ କୁମାର ରାଉତ ଯୋଗଦେଇଥିଲେ । ଏନ୍.ଜି. ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ପ୍ରତିଷ୍ଠାତା ଶ୍ରୀଯୁକ୍ତ ନିରାଜାର ପଣ୍ଡା,ସଂସ୍ଥାର ପ୍ରଧାନ ଆଚାର୍ଯ୍ୟ ଶ୍ରୀମତୀ ଗୌରୀ ପଣ୍ଡାଙ୍କ ସହିତ ସ୍କୁଲ ଟ୍ରଷ୍ଟ ସଦସ୍ୟ ଶ୍ରୀ ଦେବେନ୍ଦ୍ର ବଜଲ, ଶ୍ରୀ ବିଲ୍ଲାପ କୁମାର ରାଉତ, ଶ୍ରୀ ମୁରଲିକାନ୍ତ ମହାପାତ୍ର, ଶ୍ରୀ ସଙ୍କର୍ଷଣ ପଣ୍ଡା ଓ ଅନ୍ୟାନ୍ୟ ଗୁରୁଜନମାନେ ଉପସ୍ଥିତ ଥିଲେ ।ଏହା ସହ ଗୁରୁଜୀ ମୃତଞ୍ଜୟ ପଣ୍ଡା, ଗୁରୁମା ଦିପ୍ତି ମହାଭୂତ, ବନଜା ପଣ୍ଡା, ସମ୍ବିତା ବେହେରା, ସବିତା ଶିଅଳ, ଅଭିଳାଷ ବେହେରା, ପ୍ରିତିପ୍ରିୟା କେନା, ପ୍ରିୟଦର୍ଶନୀ ଜେନା, ଶାନ୍ତିଲତା ବେହେରା ଓ ସୁଲୋଚନା ପୁଷ୍ପିଙ୍କ ସମେତ ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାରେ ଉତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା ।

ବଣାଇଁରେ ଭାରତ ବନ୍ଦ ପ୍ରଭାବ, ଯାନବାହାନ ଠପ୍

ବଣାଇଁ, ୧୨/୨ (ଆ.ପ୍ର): ଶ୍ରମ କୋଡ୍ ଲବ୍ଧ ବାତିରେ ଆଜି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ମିଳିତ ମଂଚ ଓ ସଂଯୁକ୍ତ କିଷାନ ମୋର୍ଚ୍ଚାର ଡାକରା କ୍ରମେ ଆଜି ୧୨ ଘଂଟିଆ ବନ୍ଦ ଡାକରାକୁ ବଣାଇଁ ଅଂଚଳରେ ସମର୍ଥନ ମିଳିଥିବା ଦେଖାଯାଇଛି । ପ୍ରଭାବରେ ୫୨୦ ଓ ୧୪୩ ନମ୍ବର ଜାତୀୟ ରାଜପଥରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ଦେଖିବାକୁ ମିଳିଛି । ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ କେନ୍ଦ୍ରପୁରରେ ବଣାଇଁ ଉପଖଣ୍ଡର ନରେନ୍ଦ୍ର, ଝୁଟଗାଁ, ବଡସୁଆଁ, ଗୋପନା, କୋଇଡ଼ା, ଗୁରୁଣ୍ଡିଆ କଦୁଣିପଡା ଇତ୍ୟାଦି ଅଂଚଳରେ କର୍ମୀମାନେ ରାସ୍ତା ଅବରୋଧ କରିଛନ୍ତି । ପଟାସାହି, ବିମାନାଡ଼ି, ରେବିରେ ରେଳରୋକୋ କରି ରେଳ ଚଳାଚଳ ବନ୍ଦ ରହିଥିବା ଜଣାପଡ଼ିଛି । ଓଡ଼ିଶାରେ ଚାଲିଥିବା ବିଜୁଳି ବିଲ୍, ଜଟନିଇଟନି ଓ ମନରେଗାକୁ ପ୍ରସଙ୍ଗ କରି ବନ୍ଦ ଡାକରା ଦେଇଛନ୍ତି ସଂଗଠନ । ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଂଟିଆ ବଣାଇଁ ସହରରେ ବନ୍ଦ ପାଳନ କରାଯାଇଥିବା ଦେଖିବାକୁ ମିଳିଛି । ଏହି କ୍ରମରେ ଆଜି ୧୨ ଘଂଟିଆ ବନ୍ଦ ଡାକରାକୁ ବଣାଇଁ ଅଂଚଳରେ ସମର୍ଥନ ମିଳିଥିବା ଦେଖାଯାଇଛି । ଦୋକାନ ବଜାର ଆଂଶିକ ବନ୍ଦ ରହିଛି ଓ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇଏମ କର୍ମୀ ପିକେଟିଂ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ବନ୍ଦ ପାଳନ ସଫଳ ହୋଇଥିବା ନେଇ ଓ ଆଗକୁ ସରକାର ବାଧ୍ୟ ହୋଇ ସମାଧାନ କରିବେ ବୋଲି ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରତିକ୍ରିୟା ରଖିଛନ୍ତି । ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ଓ ପରିସ୍ଥିତି ସ୍ୱାଭାବିକ ଥିବା ବଣାଇଁ ଉପଖଣ୍ଡ ପୋଲିସ ଅଧିକାରୀ ରାମଚନ୍ଦ୍ର ବିଶାଳ କହିଛନ୍ତି ।

ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପର୍ଶୁରାମ ବାରିକ ପାଇଲେ 'ସୁନ୍ଦରଗଡ ସମ୍ମାନ'

ବଣାଇଁ, ୧୨/୨ (ଆ.ପ୍ର): ଶିକ୍ଷାର ସାରଥୀ ହେଉଛନ୍ତି ଜଣେ ଆଦର୍ଶ ଶିକ୍ଷକ, ଯିଏ ଛାତ୍ରଛାତ୍ରୀଙ୍କୁ ଜ୍ଞାନର ଆଲୋକ ଦେଖାଇ ଭବିଷ୍ୟତ ଗଢ଼ିବାରେ ସାହାଯ୍ୟ କରନ୍ତି । ଯେମିତି ପର୍ଶୁରାମ ବାରିକ ସାରଙ୍କ ପରି ଶିକ୍ଷକମାନେ ଗରିବ ଓ ପଛୁଆ ଅଂଚଳର ଶିକ୍ଷାର ଭିତିଭୂମି ସଜାଡ଼ି, ନିରନ୍ତର ପ୍ରଚେଷ୍ଟା ମାଧ୍ୟମରେ ସମାଜରେ ପରିବର୍ତ୍ତନ ଆଣିଥାନ୍ତି । ସେମାନେ କେବଳ ପାଠ ପଢ଼ାଣି ନାହିଁ, ବରଂ ନୈତିକ ଶିକ୍ଷା ଓ ପ୍ରେରଣା ଦେଇ ଛାତ୍ରଛାତ୍ରୀଙ୍କୁ ସଫଳତା ପଥରେ ଆଗେଇ ନିଅନ୍ତି । ଶ୍ରୀଯୁକ୍ତ ବାରିକଙ୍କ ପାଠ ପଢାରେ ଛାତ୍ରଛାତ୍ରୀ ବେଶ ଖୁସି ଥିବା ବେଳେ ଗ୍ରାମବାସୀ ତଥା ଅଂଚଳବାସୀ ତାଙ୍କ ଏଭଳି ମହତ୍ ଉଦ୍ୟମକୁ ପ୍ରଶଂସା କରିଛନ୍ତି । ଶିକ୍ଷା କ୍ଷେତ୍ରରେ ପଛରେ ଥିବା ଗୁରୁଣ୍ଡିଆର ଆଦିବାସୀ ଅଧ୍ୟୁଷିତ ଜପାନ ଲଲାକା ଶିକ୍ଷାର ଭିତିଭୂମି ସଜାଡିବାରେ ଶ୍ରୀଯୁକ୍ତ ବାରିକଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଅନୁକରଣୀୟ ପାଇଁ ପ୍ରେରଣା ଯୋଗାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ ସୁନ୍ଦରଗଡ଼ 'ଯଦରା' ମଞ୍ଚରେ ୨୦୨୬ର ଏକ ବର୍ଣ୍ଣାଢ଼ୟ ମଂଚରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ବଣାଇର ମାନ୍ୟବର ବିଧାୟକ ଶ୍ରୀ ଲକ୍ଷ୍ମଣ ମୁଣ୍ଡା ଓ ଜିଲ୍ଲାପାଳ ଡ଼. ଶୁଭଙ୍କର ମହାପାତ୍ରଙ୍କ ଜରକମଳରେ ଶ୍ରୀଯୁକ୍ତ ବାରିକଙ୍କୁ ନିଷ୍ଠା ପୂର୍ଣ୍ଣ ଶିକ୍ଷା କ୍ଷେତ୍ରରେ ତାଙ୍କର ଦୀର୍ଘବର୍ଷୀୟ ଅବଦାନ ପାଇଁ ଉତରୀୟ ଓ ମାନପତ୍ର ସହ 'ସୁନ୍ଦରଗଡ ସମ୍ମାନ' ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

ସାମ୍ବାଦିକ ସମ୍ମିଳନୀ ଓ ଜର୍ଣ୍ଣୀ ଉନ୍ମୋଚିତ

ଜଗତସିଂହପୁର, ୧୨/୨ (ଆ.ପ୍ର) : ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଆଣ୍ଠମପାଟଣାସ୍ଥିତ ଦୀଶାପାଣି ଭଜ ବିଦ୍ୟାଳୟ ଖେଳ ପଡିଆରେ ଆଣ୍ଠମପାଟଣା ଲିଗ୍ ବଲ ୟୁନିଅନ ଏବଂ ପ୍ରଫୁଲ୍ଲ ପାଠାଗାର ମିଳିତ ଆନୁକୂଲ୍ୟରେ ଦେବାକୁ ଥିବା ୩୩ ତମ ରାଜ୍ୟସ୍ତରୀୟ ବିବାରାଣ୍ଡୀ ବାଳକ ବାଳିକା ଲିଗ୍‌ବଲ ଟୁର୍ନାମେଂଟ ପାଇଁ ଆଜି ଆଣ୍ଠମପାଟଣା ଲିଗ୍‌ବଲ ୟୁନିଅନର ସଭାପତି ତଥା ସମ୍ବାଦସେବୀ ନିରଞ୍ଜନ ବାଶଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେବା ସହିତ ଜର୍ସି ଉନ୍ମୋଚିତ ହୋଇ ଯାଇଛି ଓ ସଭାପତି ଶ୍ରୀ ବାଶ ସମ୍ବାଦ ମାଧ୍ୟମର ପ୍ରତିନିଧିଙ୍କୁ ଅଭିନନ୍ଦନ ଜଣାଇବା ସହିତ ଟୁର୍ନାମେଂଟର ଆଭିମୁଖ୍ୟ ଓ ତାରିଖ ସମ୍ପର୍କରେ କହିଥିବା ବେଳେ ବରିଷ୍ଠ ରାଜନୀତି ବିଶ୍ଳେଷକ ସଧ୍ୟପକ ଲକ୍ଷ୍ମୀଧର ପ୍ରଧାନ ଯୋଗ ଦେଇ ଏଥିରେ ଅଂଶ ଗ୍ରହଣ କରିବାକୁ ଥିବା ଭଲୟ ବାଳକ ଓ ବାଳିକା ଜର୍ସି ଓଡ଼ିଶାର ପ୍ରସିଦ୍ଧ ଟିମ୍ ବୋଲି ସୂଚନା ଦେବା ସହିତ ଆସନ୍ତା ତା. ୧୩.୦୨.୨୬ ଏବଂ ତା.୧୪.୦୨.୨୬ ଖିଖରେ ହେବାକୁ ଥିବା ଟୁର୍ନାମେଂଟ ଅବସରରେ ଆଣ୍ଠମପାଟଣା ଲିଗ୍‌ବଲ ୟୁନିଅନ ପକ୍ଷରୁ ଜଳଚରଭବନ ଔଷଧାଳୟର ଭବନରେ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି କହିଥିଲେ ଓ ଏଥି ସହିତ ଡ଼ୋ ପ୍ରସାଦ ମାଳିକ ଓ ପୁଷ୍ପାଞ୍ଜଳୀ ସାହୁ ୨୦୨୬ ମସିହା ପାଇଁ ଜାତୀ ରତ୍ନ ସମ୍ମାନ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି କହିଥିଲେ ଓ ଏହି ସାମାଜିକ ସମ୍ମିଳନରେ ଖଇରେଣ୍ଡା ଗ୍ରାମ ପଂଚାୟତର ସରପଂଚ ଲିଯକ କୁମାର ସାହୁ,ମ୍ୟାନେଜର ଦିପ୍ତୀଚଂଜନ ଦାଶ, ସମ୍ପଦ କୁମାର ବେହେରା, ପ୍ରତୀପ୍ତ କିଶୋର ସାହୁ,ଜିମାଂଶୁଭୂଷଣ ଦାଶ,ରମେଶ ଚନ୍ଦ୍ର ମହାନ୍ତି, ଅମିତ କୁମାର ଆଚାର୍ଯ୍ୟ, ସୁନ୍ଦର କୁମାର ଦାସ, କନକ କିଶୋର ସର୍ଜନ ସିଂହ, ପଯୁନି ରାୟ ଉପସ୍ଥିତ ସମ୍ପ୍ରଦାୟ ଉପସ୍ଥିତ ଥିଲେ ।

ନିଖୋଜ ଯୁବକଙ୍କ ମୃତଦେହ ପୋଖରୀରୁ ଉଦ୍ଧାର : ହତ୍ୟା ସନ୍ଦେହରେ ସାଇଂଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁରର ତଦନ୍ତ

ବାଲିଗୁଡ଼ା, ୧୨/୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଟିକାବାଲି ଥାନା ଶଙ୍ଗାରାଖୋଲ ଗ୍ରାମର ଜଣେ ନିଖୋଜ ଯୁବକଙ୍କ ମୃତଦେହ ଗୁରୁତର ଅଚାବାଡି ପୋଖରୀ ରୁ ଉଦ୍ଧାର କରାଯାଇଛି । ମୃତ ଯୁବକ ଜଣକ ହେଉଛନ୍ତି ଭେଙ୍କେଟ ପତି ନିତାନ୍ତ ପ୍ରଧାନ (୩୦) । ସେ ଶଙ୍ଗାରାଖୋଲ ଗ୍ରାମପଂଚାୟତ ସରପଂଚ ଜାନକୀ ପ୍ରଧାନ ଓ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଅନୁରୁଧ ପ୍ରଧାନଙ୍କ ପୁତ୍ର ।ସୂଚନା ଅନୁଯାୟୀ, ଚଳିତ ମାସ ୧୧ ତାରିଖ ସକାଳେ ନିତାନ୍ତ ପ୍ରାତଃ ଭ୍ରମଣରେ ଯାଇ ଆଉ ଘରକୁ ଫେରି ନ ଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ନପାଇବାରୁ ୧୧ ତାରିଖ ଦିନ ଟିକାବାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଏହି ସଂକ୍ରାନ୍ତରେ ଏକ ନିଖୋଜ ମାମଲା ୬/୨୬ ପ୍ରକାରେ ଏକ ମଳଦମା ରୁଜୁ କରିବା ସହ ଘଟଣାସ୍ଥଳକୁ ସାଇଂଟିଫିକ୍ ଟିମ୍‌ଓ ସନ୍ଧାନୀ କୁକୁରକୁ ତଲାଶ ଜାଳଭିନ୍ନ ଆରମ୍ଭ କରିଛି । ଖବର ପାଇ ଫୁଲବାଣୀ ବିଧାୟକ ରଖିଥିଲା । ଗୁରୁବାର ସ୍ଥାନୀୟ ଲୋକେ ଅଚାବାଡି ପୋଖରୀ ରେ ଏକ ମୃତଦେହ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ । ପରିବାର ପକ୍ଷରୁ ମୃତଦେହକୁ ଚିହ୍ନଟ କରାଯିବା ସହ ମଆ ଜାନକୀ ପ୍ରଧାନ ପୁଳିଚାର ଥାନାରେ ହତ୍ୟା ସନ୍ଦେହ କରି ଅଭିଯୋଗ କରିଛନ୍ତି । ଏହାକୁ ଆଧାର କରି ଟିକାବାଲି ପୋଲିସ ମାମଲା ନଂ ୪୦/୨୬ ପ୍ରକାରେ ଏକ ମଳଦମା ରୁଜୁ କରିବା ସହ ଘଟଣାସ୍ଥଳକୁ ସାଇଂଟିଫିକ୍ ଟିମ୍‌ଓ ସନ୍ଧାନୀ କୁକୁରକୁ ନେଇ ଜାଳଭିନ୍ନ ଆରମ୍ଭ କରିଛି । ଘଟଣା ସ୍ଥଳରେ ଜମା ଚରଣ ମଲିକ ଘଟଣାସ୍ଥଳରେ ସଙ୍ଗଠିତ ସ୍ଥିତି ଅନୁଧ୍ୟାନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ଜଳାଳ କାର୍ଯ୍ୟ ପାଇଁ ଟିକାବାଲି ଅଗ୍ନିଶମ ବାହିନୀ ମଧ୍ୟ ମୃତୟନ ହୋଇଛନ୍ତି ।ଶେଷ ସୂଚନା ସୁଦ୍ଧା, ପୋଲିସ ସମସ୍ତ ପ୍ରମାଣ ସଂଗ୍ରହ କରୁଥିବା ବେଳେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି । ଜଣେ ବିବାହିତ ଯୁବକ ତଥା ସ୍ଥାନୀୟ ସରପଂଚଙ୍କ ପୁଅଙ୍କର ଏଭଳି ରହସ୍ୟଜନକ ମୃତ୍ୟୁକୁ ନେଇ ସ୍ଥାନୀୟ ଅଂଚଳରେ ଚାଂଚଲ୍ୟ ଖେଳିଯାଇଛି ।

ରାଜସ୍ୱ ନିରୀକ୍ଷକଙ୍କ ନୂତନ କାର୍ଯ୍ୟାଳୟ ନିର୍ମାଣ ଦାବି

ଜି. ଉଦୟଗିରି, ୧୨/୦୨(ଆପ୍ର) କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ଠାରେ ବିପଦ ସଂକୁଳ ଅବସ୍ଥାରେ ଥିବା ରାଜସ୍ୱ ନିରୀକ୍ଷକଙ୍କ ନୂତନ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଦାବି କରିଛନ୍ତି ଅଂଚଳବାସୀ । ବହୁ ବର୍ଷ ହେବ ଅଧାଛାଦା ଆଜବେଷ୍ଟ ଘରେ କାର୍ଯ୍ୟାଳୟ ଚାଲିଛି ଦୁଇଗୁଡ଼ି ଚାରି କଣ୍ଟାଙ୍କୁ ମଧ୍ୟ ଠିଆ ହେବାକୁ ଜାଗା ନାହିଁ ଯାହା ଫଳରେ ଅଂଚଳ ବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସୂଚନା ଅନୁସାରେ ଦେଶ ସ୍ୱାଧୀନତା ପରେ ୧୯୫୧ ମସିହା ଜୁଲାଇ ମାସ ଠାରୁ ଏଠାରେ ରାଜସ୍ୱ ନିରୀକ୍ଷକ ଙ୍କ କାର୍ଯ୍ୟାଳୟ ସ୍ଥାପନ ହୋଇଥିଲା । ସ୍ଥାନୀୟ ପୋଷ୍ଟ ଅଫିସ ଛକ ନିକଟ ଏକ ଆଜବେଷ୍ଟ ଘରେ ଦୀର୍ଘ ୭୫ ବର୍ଷ ହେବ ଚାଲିଥିବା ଏହି ଜନ ସେବା ପାଇଁ ଉଦ୍ଦିଷ୍ଟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ବର୍ତମାନ ଭାଙ୍ଗିବା ଅବସ୍ଥାରେ ରହିଛି । ବହୁ ପୁରାତନ ଘର ହୋଇଥିବାରୁ ଘର କାନ୍ଥ ଗୁଡ଼ିକ ଫାଟି ଯାଇ ବିପଦ ସଂକୁଳ ଅବସ୍ଥାରେ ରହିଛି । ବର୍ଷା ଦିନେ ପାଣି ଗଳୁ ଥିବା ମଧ୍ୟ ନଜିର ରହିଛି । ସବୁଠାରୁ ଦୁଃଖର ବିଷୟ ଏହି କାର୍ଯ୍ୟାଳୟକୁ ଆସୁଥିବା ହିତାଧିକାରୀଙ୍କ ପାଇଁ ପର୍ଯ୍ୟାପ୍ତ ଜାଗା ନଥିବାରୁ ବହୁ ସମସ୍ୟାରେ ଲୋକଙ୍କୁ ବାହାରେ ଅପେକ୍ଷା କରିବାକୁ ପଡୁଛି । ଏହି କାର୍ଯ୍ୟାଳୟ ଜନସାଧାରଣ ଏବଂ ସରକାରଙ୍କ ପାଇଁ ଅତି ଆବଶ୍ୟକ ଥିବା ସତ୍ତ୍ୱେ ବର୍ତମାନ ସମୟରେ ମଧ୍ୟ ଜି. ଉଦୟଗିରି ର ରାଜସ୍ୱ ନିରୀକ୍ଷକ ଙ୍କ କାର୍ଯ୍ୟାଳୟ ଅବହେଳିତ ଅବସ୍ଥାରେ ରହିଛି । ଏ ନେଇ ରାଜସ୍ୱ ନିରୀକ୍ଷକଙ୍କୁ ପଚାରିବାରୁ ସେ କୋଠା ନିର୍ମାଣ ଯୋଜନା ପୂର୍ତ ବିଭାଗ ବାଲିନ୍ଦ ରେ ରହିଛି ବୋଲି ଉତର ଦେଇଛନ୍ତି । ସ୍ଥାନୀୟ ପୂର୍ତ ବିଭାଗ ଯଦି ମଧ୍ୟ ଛୋଟା ନିର୍ମାଣ ତିପିଆର ଉପରିସ୍ଥ ଅଧିକାରୀଙ୍କ ନିକଟକୁ ପଠା ଯାଇଛି ଅନୁମତି ମିଳିଲେ ନିର୍ମାଣ କାମ କରାଯିବ ବୋଲି ଉତର ଦେଇଛନ୍ତି । ବିପଦ ସଂକୁଳ ଅବସ୍ଥାରେ ଥିବା କାର୍ଯ୍ୟାଳୟ ନିମନ୍ତେ ନୂତନ କୋଠା ନିର୍ମାଣରେ ବିଳମ୍ବ ହେଉଥିବା ଯୋଗୁଁ ଜନସାଧାରଣ ଖୋଭ ପ୍ରକାଶ କରିବା ସହ ଯଥା ଶୀଘ୍ର ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ପ୍ରଶାସନ ନିଜରେ ଦାବି କରିଛନ୍ତି ।

ବାଲୁଗାଁ ଓ ବାଣପୁରରେ ଧର୍ମଘଟର ଆଂଶିକ ପ୍ରଭାବ

ଚିଲିକାବାଣପୁର, ୧୨/୦୨(ଆ.ପ୍ର): କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏବଂ ସ୍ୱାଧୀନ ଫେଡେରେସନଗୁଡ଼ିକ ପକ୍ଷରୁ ଆହୁତ ସର୍ବଭାରତୀୟ ସାଧାରଣ ଧର୍ମଘଟ ଖୋର୍ଦ୍ଧା ଜିଲ୍ଲା ବାଣପୁର ଓ ବାଲୁଗାଁ ରେ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି । ସିପିଆଇ (

ଶୀର୍ଷଛକ

ଆରମ୍ଭ

SEITHO ARAMBHA

ଶୁକ୍ରବାର, ୧୩ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ବାଲେଶ୍ୱରରେ ବନ୍ଦ ଆନ୍ଦୋଳନ ସଂପୂର୍ଣ୍ଣ ସଫଳ ହୋଇଛି

ବାଲେଶ୍ୱର, ୧୨/୦୨ (ଆ.ପ୍ର) : ଆଜି ସମ୍ବଳପୁର ଶ୍ରମିକ ସଂଗଠନ ବାଲେଶ୍ୱର ସହରର ବିଭିନ୍ନ ମୁଖ୍ୟ ଛକ ଏବଂ ରେଳଷ୍ଟେସନ୍ ଓ ବସଷ୍ଟାଣ୍ଡରେ ଶହ ଶହ ଶ୍ରମିକ-କର୍ମଚାରୀ, ସଂଯୁକ୍ତ କିଷାନ ମୋର୍ଚ୍ଚା-କ୍ଷେତ ମଜଦୁର ୟୁନିଅନ୍ ସମେତ ବ୍ୟାଙ୍କ୍ କର୍ମଚାରୀ, ସେଲ୍ କ୍ରିପ୍ରେଜେଣ୍ଟେଟିଭ୍ ୟୁନିଅନ୍ ଓ ଏଲ୍.ଆଇ.ସି ୟୁନିଅନ୍‌ର ନେତା, କର୍ମୀ, ସମର୍ଥକମାନେ ଉପସ୍ଥିତ ରହି ମିଳିତ ଟ୍ରେଡ୍ ୟୁନିଅନ୍, ସ୍ୱାଧୀନ ଫେଡେରେସନ୍ ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚାର ବନ୍ଦ ଡାକରାକୁ ସମର୍ଥନ କରିଥିଲେ । ବାଲେଶ୍ୱରବାସୀ ଆଜିର ବନ୍ଦକୁ ସମର୍ଥନ କରିଥିବାରୁ ମିଳିତ ଟ୍ରେଡ୍ ୟୁନିଅନ୍ ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି । ଶ୍ରମିକ ବିରୋଧି ୪ଟି ଶ୍ରମକୋଡ୍ ଆଇନକୁ ବାତିଲ କରିବା, ଆଶିଆବା ବିଦ୍ୟୁତ ଏବଂ ବିଦ୍ୟୁତ୍ ବିଲ୍ ପ୍ରତ୍ୟାହାର କରିବା, ଝିମ୍ ଶ୍ରମିକମାନଙ୍କୁ ସରକାରୀ କର୍ମଚାରୀ ଭାବେ ସ୍ୱୀକୃତି ଦେବା ସହିତ ସର୍ବନିମ୍ନ ମଜୁରୀ ଦେବା, ଏମଏସଏମଇ ଆଇନକୁ ବାତିଲ କରି ଗ୍ରାମୀଣ ମୂଳିଆଙ୍କ ଅଧିକାରକୁ ଛଡ଼ାଇ ନେଇ ଭି ବି ଗ୍ରାମଜି ଆଇନ୍ ପ୍ରଣୟନକୁ ବାତିଲ କରିବା, ଦେଶ ବିରୋଧି-କୃଷକ ବିରୋଧି ଆମେରିକା ସହ ମୁକ୍ତ ବାଣିଜ୍ୟିକ ବୁଝାମଣାକୁ ବାତିଲ କରିବା, କଙ୍ଗାଳ ଜମି ଅଧିକାର ଆଇନକୁ କଡ଼ାକଡ଼ି ଲାଗୁ କରିବା, ପୁରୁଣା ପେନସନ୍ ସ୍କିମ୍ ପ୍ରଚଳନ କରିବାକୁ, ବୀମା ଓ ଆର୍ଥିକ କ୍ଷେତ୍ରରେ ବିଦେଶୀ ପୁଞ୍ଜି ପ୍ରବେଶକୁ ବନ୍ଦ କରିବା, ରାଜ୍ୟରେ କଟଣୀ ଛଟଣୀ ବନ୍ଦ କରିବା ସହିତ ସମସ୍ତ ଚାଷୀ ଓ ଭାଗଚାଷୀଙ୍କ ଠାରୁ ଧାନ ସଂଗ୍ରହ କ୍ୱିଣ୍ଟାଲ୍ ପିଛା ୩୧.୬୯ ଟଙ୍କା କରିବା ପ୍ରଭୃତି ଦାବି ଉପରେ ଆଜିର ବନ୍ଦ ଆନ୍ଦୋଳନ ସଂଗଠିତ ହୋଇଥିଲା । ମିଳିତ ଟ୍ରେଡ୍ ୟୁନିଅନ୍‌ର ଏହି ବନ୍ଦ ଡାକରାରେ ସି.ପି.ଆଇ. ସି.ପି.ଆଇ(ଏମ୍), ଫରୱାର୍ଡ୍ ବ୍ଲକ୍, ଜାତୀୟ କଂଗ୍ରେସ୍ ଏବଂ ବିଜେଡ଼ିର ନେତୃତ୍ୱମାନେ ସମର୍ଥନ ଜଣାଇ ସାମିଲ ହୋଇଥିଲେ । ବାଲେଶ୍ୱର ସହରର ସମସ୍ତ ବ୍ୟାଙ୍କ, ଏଲ୍.ଆଇସି ଜିଆଇସି, ସରକାରୀ ଦପ୍ତର, ପୋଷ୍ଟ ଅଫିସ୍, ବିଏସ୍‌ଏନ୍‌ଏଲ୍ ଅଫିସ୍, ଲଜିକ୍ କ୍ୟାଷ୍ଟ ଅଫିସ୍, କୋର୍ଟ କଚେରୀ, ସ୍କୁଲ୍-କଲେଜ୍ ଏବଂ ଦୋକାନ ବଜାର ସଂପୂର୍ଣ୍ଣ ବନ୍ଦ ଥିଲା । ସକାଳ ୬ଟା ବାଲେଶ୍ୱର ରେଳଷ୍ଟେସନରେ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ଭାଗବତ ପ୍ରତିହାରୀ, କୃଷକ ମୋର୍ଚ୍ଚା ନେତା ଅରୁଣ ଜେନା, ଶ୍ୟାମସୁନ୍ଦର ଜେନା, ଜମାଳାନ୍ତ ଦାସ, ବନ୍ଦନା ପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ଶହ ଶହ କର୍ମୀ କରମଣ୍ଡଳ, ବାର୍ଜିରିପୋଷି ଏକ୍ସପ୍ରେସ୍, ଏର୍ଣ୍ଣାକୁଲମ୍ ଆଦି ଟ୍ରେନଗୁଡ଼ିକୁ ଅଟକାଇଥିଲେ ।

ସେହିପରି ଶ୍ରମିକନେତା ରାଜକିଶୋର ଲେଙ୍କା, ମଧ୍ୟାହ୍ନ ଭୋଜନ କର୍ମଚାରୀ ରାଜ୍ୟନେତା ଇଷାନୀ ଷଡ଼ଙ୍ଗୀ, ଅସିତ୍ ବରଣ ଦାସ, ପ୍ରଶାନ୍ତ ରାଏ ପ୍ରମୁଖ ବସ୍‌ଷ୍ଟାଣ୍ଡରେ ବସ୍ ଚଳାଚଳକୁ ସଂପୂର୍ଣ୍ଣ ଭାବେ ଅଟକ କରିଦେଇଥିଲେ । ଷ୍ଟେସନ୍ ବ୍ଲକଠାରେ ସହସ୍ରାଧିକ ଏଆଇଟିୟୁସି, ସିଆଇଟିୟୁ, ଆଏନ୍‌ଟିୟୁସି, ଏଆଇୟୁଟିୟୁସି, ଏଚ୍.ଏମ୍.ଏସ୍, ଟିୟୁସିସି, ବିଜୁ ଶ୍ରମିକ ସାମ୍ରାଜ୍ୟ, ଓଡ଼ିଶା ସେଲସ୍ ରିପ୍ରେଜେଣ୍ଟିଭ୍ ୟୁନିୟନ୍, ବ୍ୟାଙ୍କ୍ ତରଫରୁ ଏଆଇବିଏ, ବେଫି ସମେତ ସିପିଆଇ, ସିପିଆଇ(ଏମ୍), ଜାତୀୟ କଂଗ୍ରେସ୍, ଫରୱାର୍ଡ୍ ବ୍ଲକ୍, ଏସ୍‌ୟୁସି ଆଇ (କମ୍ୟୁନିଷ୍ଟ), ବିଜେଡ଼ି ପ୍ରଭୃତି ବଜାମାନଙ୍କର ଶହଶହ କର୍ମୀ ନେତା ରାସ୍ତାରୋକ କରିଥିଲେ । ଆଜିର ଏହି ରାସ୍ତାରୋକ ସମୟରେ ସିପିଆଇ ବାଲେଶ୍ୱର ଜିଲ୍ଲା ସଂପାଦକ ରାଜ୍ୟ ସଂପାଦକ ନିର୍ମଳ ନାୟକ ପ୍ରମୁଖ ଏହି ବନ୍ଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସଂଯୁକ୍ତ କିଷାନ ମୋର୍ଚ୍ଚାର ନେତା ଅରୁଣ ଜେନା, ପ୍ରତୀପ ସ, ଆଇଏନ୍‌ଟିୟୁସି ନେତ୍ରୀ ବାସନ୍ତୀ ସାମଲ, ଜୀବନକୃଷ୍ଣ ବାରିକ, କୁମୁଦିନୀ ଦାସ, ଡ଼ିଲୋନେନ ମହାନ୍ତି, ନିଶିଥ ବାରିକ, ଶ୍ରମିକନେତା ଶାନ୍ତନୁ ଦାସ, ଏଚ୍.ଏମ୍.ଏସ୍‌ର ଅରୁଣ ସ୍ୱାଇଁ, ପିତାମ୍ବର ମାଝୀ, ଶରତ ସାହୁ, ପ୍ରବୀପ ସ, ପ୍ରମୁଖ ଏହି ବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିଲେ । ଏନ୍‌ଏସିଏମ୍‌ର ଜିଲ୍ଲା ଆବାହକ ମନୋଜ ନାୟକ ପାଣ୍ଡି ଛକ ଏବଂ କେଚେରୀ ସାମନାରେ ପିକେଟିଂ କରିବା ସହ ବନ୍ଦ ସଫଳ କରିବା ପାଇଁ ନିବେଦନ କରିଥିଲେ ।

ଅରୁଣ ମିଶ୍ର, ନୀଳମଣି ଦିକ୍ଷିତ, ପରମେଶ୍ୱର ପାତ୍ର, ବ୍ୟାଙ୍କ୍ କର୍ମଚାରୀ ନେତା ରସାନନ୍ଦ ଦାସ, ପ୍ରଦୀପ କୁମାର ବେହେରା, ସୁଦର୍ଶନ ଜେନା, ଜିଆଇସି ନେତା ରୁଶାନ୍ତ ବାରିକ, କ୍ଷେତ ମଜଦୁର ୟୁନିଅନ୍‌ର ରାଜ୍ୟ ସଂପାଦକ ନିର୍ମଳ ନାୟକ ପ୍ରମୁଖ ଏହି ବନ୍ଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସଂଯୁକ୍ତ କିଷାନ ମୋର୍ଚ୍ଚାର ନେତା ଅରୁଣ ଜେନା, ପ୍ରତୀପ ସ, ଆଇଏନ୍‌ଟିୟୁସି ନେତ୍ରୀ ବାସନ୍ତୀ ସାମଲ, ଜୀବନକୃଷ୍ଣ ବାରିକ, କୁମୁଦିନୀ ଦାସ, ଡ଼ିଲୋନେନ ମହାନ୍ତି, ନିଶିଥ ବାରିକ, ଶ୍ରମିକନେତା ଶାନ୍ତନୁ ଦାସ, ଏଚ୍.ଏମ୍.ଏସ୍‌ର ଅରୁଣ ସ୍ୱାଇଁ, ପିତାମ୍ବର ମାଝୀ, ଶରତ ସାହୁ, ପ୍ରବୀପ ସ, ପ୍ରମୁଖ ଏହି ବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିଲେ । ଏନ୍‌ଏସିଏମ୍‌ର ଜିଲ୍ଲା ଆବାହକ ମନୋଜ ନାୟକ ପାଣ୍ଡି ଛକ ଏବଂ କେଚେରୀ ସାମନାରେ ପିକେଟିଂ କରିବା ସହ ବନ୍ଦ ସଫଳ କରିବା ପାଇଁ ନିବେଦନ କରିଥିଲେ ।

ଗତି ପରୀକ୍ଷା ସମୟୀୟ ସାର୍ବଜନିକ ସୂଚନା

ଏହିଦ୍ୱାରା ଦକ୍ଷିଣ ପୂର୍ବ ରେଳୱେର ନିମ୍ନୋଲ୍ଲେଖିତ ଏକାଧିକ ଅଂଶ ଅଧୀନରେ ଅବସ୍ଥିତ ସମସ୍ତ ରେଳପଥ ବ୍ୟବହାରକାରୀ ଓ ପ୍ରାଇଭେଟ ଅବସ୍ଥାନକାରୀଙ୍କୁ ଜଣାଯାଉଛି ଯେ, ଉଲ୍ଲେଖିତ ଅଂଶରେ 130 କି.ମି./ଘଣ୍ଟା ବେଗରେ ଇଲେକ୍ଟ୍ରିକ୍ ଇଞ୍ଜିନ୍ ଦ୍ୱାରା ଗତି ପରୀକ୍ଷା 16.02.2026 ରୁ 20.02.2026 ପର୍ଯ୍ୟନ୍ତ କରାଯିବ । (1) ଅଂଶ : ସୋଲୋ-ରାଣିତଳ ମଧ୍ୟରେ କବଳିମିତି 3rd Line (ଇଲେକ୍ଟ୍ରିକ୍ ମାଗ୍ନେ ନଂ-264/13 ରୁ ମାଗ୍ନେ ନଂ-285/11 ପର୍ଯ୍ୟନ୍ତ) । (2) ଗତି ପରୀକ୍ଷାର ତାରିଖ : 16.02.2026 ରୁ 20.02.2026 ପର୍ଯ୍ୟନ୍ତ । ଗତି ପରୀକ୍ଷା ସମୟରେ ସମସ୍ତ ରେଳପଥ ବ୍ୟବହାରକାରୀ ଓ ସାଧାରଣ ଲୋକମାନଙ୍କୁ କବଳିମିତି 3rd Line ଠାରୁ ସୁରକ୍ଷିତ ଦୂରତା ରକ୍ଷା କରିବାକୁ ଅନୁରୋଧ କରାଯାଉଛି ।

ଉପ ମୁଖ୍ୟ ଅଭିଯନ୍ତା (ନିର୍ମାଣ), ଖାଡ଼ଗପୁର ଡିଭିଜନ, କୋଲକାତା

ଦକ୍ଷିଣ ପୂର୍ବ ରେଳୱେ (PR-1176)

ଚଳିତ ବର୍ଷ ପାଇଁ ବ୍ୟଙ୍ଗଲେଖକ ରାଧାଶ୍ୟାମ ରାଉଳ ପାଇବେ 'ଏମାର୍ କେଆର ସ୍ମୃତି ସମ୍ମାନ'

ବାଲେଶ୍ୱର, ୧୨/୦୨ (ଆ.ପ୍ର) : ଚଳିତ ବର୍ଷ ସମ୍ବାଦ ସାହିତ୍ୟ ପଡ଼ିକା 'ପ୍ରିୟପତ୍ର' ତରଫରୁ ବିଶିଷ୍ଟ ରମ୍ୟ-ବ୍ୟଙ୍ଗ ଲେଖକ ଓ ସ୍ତମ୍ଭକାର ରାଧାଶ୍ୟାମ ରାଉଳଙ୍କୁ 'ରସରାଜ ଏମାର୍ କେଆର୍ ସ୍ମୃତି ସମ୍ମାନ' ପ୍ରଦାନ କରାଯିବ ବୋଲି ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ ପାଇଛି । ଆସନ୍ତା ୧୪ ତାରିଖରେ 'ପ୍ରିୟପତ୍ର'ର ୩୯ତମ ବାର୍ଷିକ ଉତ୍ସବରେ ମାନ୍ୟଗଣଙ୍କ ଅତିଥି ଓ ସୁଧୀ ସମ୍ବାଦସେବୀମାନଙ୍କ ଇବଦ୍ୟ ଉପସ୍ଥିତିରେ ଶ୍ରୀ ରାଉଳଙ୍କୁ ଏହି ସମ୍ମାନ ପୁରୀ ଠାରେ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି । ଓଡ଼ିଆ ସାହିତ୍ୟର ବ୍ୟଙ୍ଗ-ରଚନା କ୍ଷେତ୍ରରେ ଦୀର୍ଘ ତିନି ଦଶନ୍ଧି ଧରି ନିରବଚ୍ଛିନ୍ନ ଭାବେ ଲେଖନୀ ଚାଳନା କରିଥିବା ଶ୍ରୀ ରାଉଳଙ୍କୁ ନିଷ୍ଠାପର ସାଧନା ଓ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଚଳିତ ବର୍ଷ 'ପ୍ରିୟପତ୍ର' ପକ୍ଷରୁ ଏମାର କେଆର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିବା ବିଷୟ 'ପ୍ରିୟପତ୍ର'ର ସମ୍ପାଦକ ବିପିନ ବିହାରୀ ଦଳାଇ ସୂଚନା ଦେଇଛନ୍ତି ।

ବଳରାମପୁର ଓଡିଶା ଆଦର୍ଶବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲିଆପାଳ, ୧୨/୦୨ (ଆ.ପ୍ର) : ସକରାତ୍ମକ ଚିନ୍ତା ଓ ଚେତନା ଦ୍ୱାରା ପିଲାମାନଙ୍କର ବୈଜ୍ଞାନିକ ବିକାଶ ଆଉକୁ ଯାଏ । ସେମାନଙ୍କ ମଧ୍ୟରେ ଥିବା ସୃଜନ ଶକ୍ତି ମଧ୍ୟ ବଢିଥାଏ । ଛାତ୍ର ଶିକ୍ଷା ଲାଭ କରି ଆଜିର ଛାତ୍ର ନିଜକୁ ଜଣେ ବଡ ମଣିଷ ଭାବରେ ପ୍ରତିଷ୍ଠିତ କରିବା ସମ୍ଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟବକ୍ତା ଭାବରେ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ବରିଷ୍ଠ ଇଂରାଜୀ ଅଧ୍ୟାପକ କାମିନୀକାନ୍ତ ମହାନ୍ତି ସମ୍ବାଳିତ ଅତିଥି ଭାବରେ ବାଲିଆପାଳ ବିଡିଓ ରାଧାରମଣ ଦାସ,ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ବିଜୟ କୁମାର ଦେ,ବଳରାମପୁର ପଂଚାୟତର ସରପଂଚ ଅରୁଣ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷକ ଗୋପୀକୃଷ୍ଣ ବିଶ୍ୱାଳ ଅତିଥିମାନଙ୍କୁ ମଂଚ ଆହ୍ୱାନ ଶିକ୍ଷକ ରଜତ କୁମାର ଧଳ ଅତିଥି ପରିଚୟ ପ୍ରଦାନ,ବରିଷ୍ଠ ଶିକ୍ଷକ ପ୍ରିୟବ୍ରତ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟର କୃତୀଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରାରମ୍ଭରେ ବିଦ୍ୟାଳୟ ହାତପାଣ୍ଠିରୁ ନିର୍ମିତ ବୃହତ୍ପାନୀୟ ପ୍ରକଳ୍ପକୁ ବିଧାୟିକା ଶ୍ରୀମତୀ ଜେନା ଶବଘାଟନ କରିଥିଲେ । ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ଶିକ୍ଷକ ସରୋଜ କୁମାର ପାତ୍ର, ଅଜ କୁମାର ସାହୁ, ଜନ୍ମଜୟ ସାମଲ, ମିରନ ନାୟକ, ବ୍ରଜମୋହନ କାମିଳା, କିଞ୍ଜଲିତ ସୋରେନ, ବୃନ୍ଦା ଗାୟତ୍ରୀ ପାତ୍ର, ଅନୁଶୟା ଦାସ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ପରିଚାଳନା କରିଥିଲେ ।

ବସ୍ତା ଭିନ୍ନକ୍ଷମ ମେଳାରେ ଦିବ୍ୟାଙ୍ଗଙ୍କୁ ଅପମାନ



ଲଙ୍ଗଳେଶ୍ୱର, ୧୨/୦୨ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକରେ ଆୟୋଜିତ ଭାମଲୋଇ ଭିନ୍ନକ୍ଷମ ସାମଗ୍ରୀ ଶିବିରରେ ଆଜି ଭିନ୍ନକ୍ଷମଙ୍କ ପଞ୍ଜିକରଣ ନେଇ ବିବାଦ ସୃଷ୍ଟି ହୋଇଛି ଯା ଅଭିଯୋଗ ଅନୁଯାୟୀ ବାଲିଆପାଳ ବ୍ଲକର ବାଲିଜୁରି ଗ୍ରାମର ବାପ ମା ଲେଣ୍ଡେଣ ମାନସିକ ଭିନ୍ନକ୍ଷମ ସାକର ମୁମ୍ବି ଅଳଲାଇନ ପ୍ରମାଣପତ୍ର ନଥିବାରୁ ବାର୍ଷିକିନ ଧରି ଭିନ୍ନକ୍ଷମ ଭତାରୁ ବଂଚିତ ଅଛନ୍ତି । ସାମାଜିକ କର୍ମୀ ରାଜକିଶୋର ପାତ୍ରଙ୍କ ପରାମର୍ଶରେ ସେ ବସ୍ତା ବ୍ଲକ ଶିବିରକୁ ଯାଇଥିଲେ । ସେହିପରି ଲଙ୍ଗଳେଶ୍ୱର ଗ୍ରାମର ବାସୁଦେବ ମଲ୍ଲିକ ଓ ସୁନକ ଚନ୍ଦ୍ର ପଢ଼ିଆରୀ ମଧ୍ୟ ପ୍ରମାଣପତ୍ର ପାଇଁ ଘଟଣାସ୍ଥଳେ । ଶିବିରରେ ବସ୍ତାଙ୍କିତ ପଞ୍ଜିକରଣ କରୁଥିବା କର୍ମଚାରୀମାନେ ଅନ୍ୟ ବ୍ଲକରୁ ଆସିଥିବା ଭିନ୍ନକ୍ଷମଙ୍କୁ ପଞ୍ଜିକରଣ କରିବାକୁ ମନା କରିଥିବା ସହ କାରଣଦର୍ଶାଇ ଫିରାଇଦେଇଥିବା ଅଭିଯୋଗ ହୋଇଛି । ପରେ ସାମାଜିକ କର୍ମୀ ରାଜକିଶୋର ପାତ୍ରଙ୍କ ହସ୍ତକ୍ଷେପ ପରେ ଉପରିସ୍ଥ ଅଧିକାରୀମାନେ ଘଟଣା ସମ୍ପର୍କରେ ଜାଣି ଅନ୍ୟ ବ୍ଲକର ଭିନ୍ନକ୍ଷମଙ୍କ ପଞ୍ଜିକରଣ ପାଇଁ ଅନୁମତି ଦେଇଥିଲେ । ଏହି ଘଟଣାକୁ ନେଇ ଭିନ୍ନକ୍ଷମ ଅଧିକାର ଆନ୍ଦୋଳନ– ୨୦୧୬ ରାଜ୍ୟସ୍ତର ଦୋଷାରୋପ ଅଭିଯୋଗ ଉଠିଛି । ପ୍ରଶ୍ନ ଉଠିଛି ଭିନ୍ନକ୍ଷମ ଅଧିକାର ଆଇନ କିଏ ଉଲ୍ଲଙ୍ଘନ କରୁଛି ? ଶିବିରରେ ଆଂଚଳିକତାବାଦ ସୃଷ୍ଟି କରାଯାଇଛି କି ? ଭିନ୍ନ ଜମାଇବା ପାଇଁ କି ନିଜସ୍ୱ ନିୟମ ଚାଲୁ ହେଉଛି ? ବୁଦ୍ଧିଜୀବୀମାନେ ଜିଲ୍ଲା ପ୍ରଶାସନଙ୍କୁ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଆଗାମୀଦିନରେ ଭିନ୍ନକ୍ଷମଙ୍କ ସମ୍ମାନ ଗୁରିଣ୍ଟିତ କରିବାକୁ ଦାବି କରିଛନ୍ତି ।

ବାଲିଖଣ୍ଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଗୃହ ଶୁଭ ଉଦଘାଟନ

ସିମୁଳିଆ, ୧୨/୦୨ (ଆ.ପ୍ର) : ବାର୍ଣ୍ଣ ବିମ ବାଲିଖଣ୍ଡ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଟି ଅବହେଳିତ ଅବସ୍ଥାରେ ପଡିବା ସହ ସ୍ଥାୟୀ ଡାକ୍ତର ନ ଥିବାରୁ ଅଂଚଳବାସୀ ବହୁତାର ଅଭିଯୋଗ ହୋଇ ଆସୁଥିଲା । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପୁରୁଷୋତମପୁର, ଅବଜୁଣା, ଅଣ୍ଡରାଇ, କାଂପଗଡ଼ା ବ୍ୟତୀତ ଭଦ୍ରକ ଜିଲ୍ଲାର ଏରଡ଼ା, ସାବରଙ୍ଗ, ଗୁଗ, ରାଣୀତାଳ, ସରସ୍ୱତୀପୁର ଓ ତରିଗା ଆଦି ଅଂଚଳର ଜନସାଧାରଣ ନିର୍ଭର କରିଥାନ୍ତି । ଆଜି ଆନୁଷ୍ଠାନ ଆରୋଗ୍ୟ ମନ୍ଦିର, ବାଲିଖଣ୍ଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ବହିର୍ବିଭାଗ ଗୃହର ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ଫିତାକାଟି ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଅନ୍ୟତମ ଅତିଥି ଭାବେ ବ୍ଲକ ଅଧକ୍ଷ ବାଜାରୀ ଚରଣ ମଲ୍ଲିକ, ସମିତି ସଭ୍ୟ ଭଗମ କୁମାର ମହାଣ୍ଡି, ବାବଲ ପେଡା, ଡାକ୍ତର ସମିତ ପାତ୍ର, ଦେବେଶ୍ମିତ୍ର ମହାପାତ୍ର, ଆୟୁଷ ଡାକ୍ତର ରଣ୍ଣାଗ୍ରୁଆ ବାହାଳିକ, ମଣ୍ଡଳ ସଭାପତି ରଘୁନନ୍ଦନ ମିଶ୍ର,ସରପଂଚ ଲଣ୍ଠାଧର ବଳ, ପୂର୍ବତନ ସରପଂଚ ବୀରେନ ଖୁଲାର, ବିଜୟ କୁମାର ଦାସ, ଲକ୍ଷ୍ମୀ ମିଶ୍ର, ବାବଲ ପେଡା, ନବଦେବ ମହାନ୍ତି, ଲକ୍ଷ୍ମୀକାନ୍ତ ମିଶ୍ର ଫାର୍ମାସିଷ୍ଟ ଅଫିସର ଜଗତଜୀବନ ମହାପାତ୍ର, ଜିପିସ ଗୋବିନ୍ଦ ଚନ୍ଦ୍ର ମହାଣ୍ଡି ଓ ମେଡିକାଲର ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ସର୍ବଭାରତୀୟ ସାଧାରଣ ଧର୍ମଘଟ ବାଲେଶ୍ୱରରେ ସଂପୂର୍ଣ୍ଣ ସଫଳ



ବାଲେଶ୍ୱର, ୧୨/୦୨ (ଆ.ପ୍ର) : ଶ୍ରମିକ ବିରୋଧୀ ଓ ପୁଞ୍ଜିପତି ମାଲିକ ସପକ୍ଷବାଦୀ ୪ ଶ୍ରମକୋଡ୍ ବାତିଲ, ରାଷ୍ଟ୍ରୟତ୍ତ ଉଦ୍‌ୟୋଗର ଘରୋଇକରଣ ବନ୍ଦ, ନିତ୍ୟବ୍ୟବହାର୍ଯ୍ୟ ଜିନିଷପତ୍ରର ବଢମାନ ଉପରେ ଅଙ୍କୁଶ ଲଗାଇବା, ଖାଲି ପଡ଼ିଥିବା ସରକାରୀ ପଦବୀରେ ନିଯୁକ୍ତି ଦେବା, କୃଷକମାନଙ୍କ ଉତ୍ପାଦିତ ଦ୍ରବ୍ୟର ସର୍ବନିମ୍ନ ମୂଲ୍ୟ ସ୍ୱାମୀନାଥନ୍ କମିଶନଙ୍କ ସୁପାରିଶ ଅନୁସାରେ ଧାର୍ଯ୍ୟ କରିବା ମହିଳାଙ୍କ ସୁରକ୍ଷା, ସାମ୍ପ୍ରଦାୟିକତା ଆଧାରରେ ଦେଶର ଭାଇଚାରାକୁ ନଷ୍ଟ କରିବା, ସିଏଲ୍ ଓ୍ୱାର୍କରଙ୍କୁ ଶ୍ରମିକର ମାନ୍ୟତା ଦେବା, ସମ୍ବିଧାନ ସଂଶୋଧନ ସଂଘୀୟ ବ୍ୟବସ୍ଥା ଅନୁସାରେ କେନ୍ଦ୍ର ସରକାର କାର୍ଯ୍ୟ କରିବା, ଜି.ଡି.ଜି. ଗ୍ରାମିଣ ବିଲ୍ ପ୍ରତ୍ୟାହାର କରି ପୁରୁଣା ମହାତ୍ମାଗାନ୍ଧୀ ନିର୍ଦ୍ଦିଷ୍ଟ ରୋଜଗାର ଯୋଜନା ପୁନର୍ବାହାଲ କରିବା, ମଣ୍ଡି ଜରିଆରେ ଚାଷୀଙ୍କ ସମସ୍ତ ଧାନ ଖରିଦ୍ କରିବା ପ୍ରଭୃତି ଦାବିରେ ଆଜିର ହରତାଳକୁ ବାଲେଶ୍ୱର ସହରରେ ସଂପୂର୍ଣ୍ଣ ସଫଳ ହୋଇଛି । ଆଜି ସ କାଳ ୬ଟାରେ ରେଳଷ୍ଟେସନରେ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ସିଆଇଆଇ ଜିଲ୍ଲା ସଂପାଦକ ଭାଗବତ ପ୍ରତିହାରୀ, ଚାଷୀ ଏକତା ମଞ୍ଚର ଅରୁଣ ଜେନା, ନାରୀନେତ୍ରୀ ବନ୍ଦନା ପାତ୍ରଙ୍କ ନେତୃତ୍ୱରେ ତିନୋଟି ଟ୍ରେନକୁ ରୋକା ଯାଇଥିଲା । ପରେ ଷ୍ଟେସନ୍ ବ୍ଲକ ଠାରେ ବିଭିନ୍ନ ସଂଗଠନର ଶତାଧିକ କର୍ମୀ ଯାତାୟାତ ବଜାଚଳକୁ ବନ୍ଦ ରଖିଥିଲେ । ଜିଲ୍ଲା ସେବନ୍ ବ୍ଲକ୍‌ଙ୍କ ଫାଟକ ସମ୍ମୁଖରେ ଦୀର୍ଘ ସମୟ ଧରି କର୍ମୀମାନେ ନାରାବାଜି କରିବା ସହ ବନ୍ଦ କରିଥିଲେ । ଏଥିରେ ସି.ପି.ଏମ୍. ଜିଲ୍ଲା ସଂପାଦକ ଶିଶିର ହୁଇ, ନିର୍ମଳ ନାୟକ, ଇଶାନି ଷଡ଼ଙ୍ଗୀ, ଆଇ.ଏନ୍.ଟି.ୟୁ.ସି.ର ଜିଲ୍ଲା ସଭାନେତ୍ରୀ ବାସନ୍ତୀ ସାମଲଙ୍କ ନେତୃତ୍ୱରେ ଚବୁ କର୍ମୀ ପିକେଟିଂରେ ଭାଗ ନେଇଥିଲେ । ସ୍କୁଲ୍, କଲେଜ୍, ବ୍ୟାଙ୍କ୍, ବୀମା, ପୋଷ୍ଟାଲ୍ ସମେତ ରାଜ୍ୟ ସରକାରଙ୍କ ସମସ୍ତ ଦପ୍ତର ବନ୍ଦ କରାଯାଇଥିଲା । ଦୋକାନ ବଜାର ସ୍ୱତଃସ୍ଫୂର୍ତ୍ତ ଭାବରେ ବନ୍ଦ ରହିଥିଲା । ବସ୍, ଟ୍ରକ୍ ମଧ୍ୟ ବନ୍ଦ ରହିଥିଲା । ଏହି ପିକେଟିଂରେ ଯତୀନ୍ଦ୍ର ପାତ୍ର, ଅନନ୍ତ ମହାପାତ୍ର, ସୁଭାଗୀ ମାଝୀ, ଶ୍ୟାମ

ସମ୍ପାଦକ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୧୩ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଟେକ୍ନୋଲୋଜୀର ଭାଷା

ଏବେ ପୃଥିବୀ ହେଉଛି ଜଗତ କରଣର ପୃଥିବୀ । ଏହି ଜଗତକରଣ କେବଳ ଜହାରବାଦୀ ମୁକ୍ତ ଅର୍ଥନୀତି ଉପରେ ପର୍ଯ୍ୟବେକ୍ଷିତ ବୋଲି ଭାବି ବସିଲେ ଭୁଲ ହେବ । ବରଂ ଭାଷା ସାହିତ୍ୟ,ଜ୍ଞାନ,ପ୍ରଯୁକ୍ତିବିଦ୍ୟା ସଂସ୍କୃତି ପରି ଏକାଧିକ କ୍ଷେତ୍ର ଭୌଗଳିକ ନିର୍ବିଶେଷରେ ସମ୍ବନ୍ଧିତ ହେବା ମଧ୍ୟ ଏହାର ଏକ ପ୍ରମୁଖ ଅଂଶ ବିଶେଷ , ଏବଂ ଯାହାର ଆଧାର ହେଉଛି ଇଳକ୍ଟରନିକ୍ସ । ଅର୍ଥାତ ଏହି ଦ୍ରୁତ ପ୍ରଗତିଶୀଳ ବିଶ୍ୱରେ ଯେଉଁ ସବୁ ବିଷୟ ଗୁଡିକ ନିଜକୁ ଯୁଗପଯୋଗି ଓ ଉତ୍କୃଷ୍ଟ ବୋଲି ପ୍ରତି ପାଦିତ କରି ପାରିବେ କେବଳ ସେହି ବିଷୟ ଗୁଡିକ ଟିଁ ଟିକି ହେଇ ପାରିବେ । ଅନ୍ୟଥା ସମୟର ପ୍ରବାହମାନ ସ୍ରୋତରେ ବିଲୀନ ହୋଇ ଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ । ଆମେ ଯଦି ଓଡ଼ିଆ ଭାଷା ସେତ୍ତ ରେ ଏକବିଂଶ ଶତାବ୍ଦୀର ଏହି ଆହ୍ୱାନକୁ ପରଖି ବସିବା ତେବେ ଭଣା ଅଧିକ ଆମକୁ ହତୋତ୍ସାହିତ ହେବାକୁ ପଡ଼ିବ । ଚାରି କୋଟିରୁ ଊର୍ଦ୍ଧ୍ୱ ଓଡ଼ିଆ ଭାଷା ଭାଷାଙ୍କ ଭାଷା ହୋଇ ମଧ୍ୟ ଯେଉଁ ପ୍ରଶସ୍ତତା ଓ ପ୍ରୟୋଗଶୀଳତାର ଅଧିକାରୀ ହେବା କଥା ଅବ୍ୟାବଧି ତାହା ସମ୍ଭବ ହୋଇ ପାରି ନାହିଁ । ଏପରି ଦେଖିବାକୁ ଗଲେ ପୃଥିବୀର ବିଭିନ୍ନ ଭାଷା ବ୍ୟବହାରକାରୀ ମାନଙ୍କ ସଂଖ୍ୟା ବୃଦ୍ଧିରୁ ଓଡ଼ିଆ ଭାଷାର ସ୍ଥାନ ଯଥେଷ୍ଟ ଭଲରେ । ଭାରତ ବର୍ଷର ହିନ୍ଦୀ, ବଙ୍ଗଳି ଭାରତୀୟ ଭାଷା ସମୂହ ଓ ବଙ୍ଗଳା ଭାଷା ପରେ ଓଡ଼ିଆ ଭାଷାର ସ୍ଥାନ । ପୁଣି ଆମର ଏହି ଭାଷା ଶାଶ୍ୱତ ଭାଷାର ମାନ୍ୟତା ପାଇଲା ପରେ ନିଜର ପ୍ରାଚୀନତା ଓ ବିଶୁଦ୍ଧତାକୁ ସର୍ବ ଭାରତୀୟ ସ୍ତରରେ ପ୍ରମାଣିତ ଏବଂ ପ୍ରତିଷ୍ଠିତ କରିପାରିଲି କହିଲେ ଅତ୍ୟୁକ୍ତି ହେବନାହିଁ । ନିଶ୍ଚ -ସରେଦରେ ଏହାଦ୍ୱାରା ଓଡ଼ିଆ ଭାଷାର ଆତ୍ମ ପ୍ରତିଷ୍ଠା ଓ ଆତ୍ମ ମର୍ଯ୍ୟାଦା ବୃଦ୍ଧି ପାଇଛି । ମାତ୍ର ବିଡମ୍ବନାର ବିଷୟ ଏହି ଭାଷା ଶାଶ୍ୱତ ମାନ୍ୟତା ହାସଲ କରିବାର ଇଳକ୍ଟରନିକ୍ସ ସତ୍ତ୍ୱେ ବାସ୍ତବ କ୍ଷେତ୍ରରେ ଅବହେଳିତ ଓ ଅନାଦୃତ ଓ ଏକ ସମୃଦ୍ଧଶାଳୀ ଐତିହ୍ୟ ସମ୍ପନ୍ନ ଭାଷା ରୂପରେ ଏହା ଯେପରି ପରିପୂର୍ଣ୍ଣ ହେବାକଥା , ସେପରି ଆଧୁନିକ ସମ୍ପନ୍ନ ହୋଇ ବହୁ-ପ୍ରଯୁ ହେବାକଥା ସେପରି ଆଶାନୁରୂପକ ହୋଇ ପାରି ନାହିଁ । ଆମେ ଯଦି ବିଶ୍ୱ ସ୍ତରର ଅନ୍ୟାନ୍ୟ ସମୃଦ୍ଧ ଭାଷା ଗୁଡିକ ସହ ଆମ ଓଡ଼ିଆ ଭାଷାକୁ ତୁଳନା କରିବସିବା ତେବେ ଏହି ନିର୍ଣ୍ଣୟରେ ପହଁଚିବାରେ କୌଣସି ଅସୁବିଧା ହେବନାହିଁ । ଏହା ପ୍ରମାଣିତ ଯେ ଯେଉଁ ଭାଷା ଶିକ୍ଷା, ଶାସନ, ସଂଚାର ଓ ପ୍ରଯୁକ୍ତି ପ୍ରଭୃତି ପ୍ରତ୍ୟେକ କ୍ଷେତ୍ରରେ ଚଳନକ୍ଷମ ଓ ବ୍ୟବହାର ଉପଯୋଗୀ ସେହି ଭାଷା ସେତିକି ଜୀବନକ୍ଷମ ଓ ଆଧୁନିକ । ଉପରୋକ୍ତ ପ୍ରୟୋଗଶୀଳତା ବୃଦ୍ଧିକୁ ଯଦି ଓଡ଼ିଆ ଭାଷାର ପ୍ରାଣ ପ୍ରବାହ ଓ ଅଭିବୃଦ୍ଧି ଆମେ ଖୋଜି ବସିବା ତେବେ ଏସବୁ କ୍ଷେତ୍ରରେ ଓଡ଼ିଆ ଭାଷାର ନୈରାଶ୍ୟ ଜନକ ସ୍ଥିତିକୁ ହିଁ କେବଳ ଦାୟୁତ କରି ପାରିବା । କେବଳ ସରକାରୀ ମାଧ୍ୟମ ବିଦ୍ୟାଳୟରେ ଶିକ୍ଷା ଦାନର ଭାଷା ହେବାର ସୌଭାଗ୍ୟ ପ୍ରାପ୍ତି ବ୍ୟତିତ ଆମର ଏହି ଭାଷା ଜଣ୍ଡ ଭାଷାର ବାଙ୍କ ହେବାଛଡ଼ା ଅଧିକ ଦୂର ଅଗ୍ରସର ହୋଇ ପାରି ନାହିଁ । ସୋଭାଗ୍ୟକୁ ଏହି ଭାଷା କମ୍ପ୍ୟୁଟରଯୋଗ ହୋଇ ପାରିଛି ମାତ୍ର ପ୍ରୋସେସିଂ ଓ ପ୍ରୋଗ୍ରାମିଂ ପରି କ୍ଷେତ୍ରରେ ଏହାର ବ୍ୟବହାର ଖୁବ ସୀମିତ । କେବଳ ଡି.ଟି.ପି. ପରି ବ୍ୟବହୃତ ହେବା ଛଡ଼ା ଅଧିକ ପ୍ରୟୋଗିକତାର ଅବକାଶ ଅବା ଉଦଯୋଗ ଏ ପର୍ଯ୍ୟନ୍ତ ସୁ ବ୍ୟବସ୍ଥିତ ଭାବେ ଆରମ୍ଭ ହୋଇନାହିଁ । ସୁଖର କଥା, ଓଡ଼ିଆ ଭାଷାର ଉଭୟ ଜାତୀୟ ଓ ବୈଦ୍ୟୁତିକ ଗଣମାଧ୍ୟମରେ ବ୍ୟାପକ ପରିପ୍ରସାର ହେତୁ ଏହି ଭାଷା ଜନମାନସର ଭାଷା ହେବାରେ ଏକ ପ୍ରକାର ସମ୍ଭବ ହୋଇ ପାରିଛି । ପ୍ରକାରନ୍ତରେ କହିଲେ ଏକବିଂଶ ଶତାବ୍ଦୀର ଦ୍ରୁତ ବିବର୍ତ୍ତିତ ପୃଷ୍ଠପଟରେ ଓଡ଼ିଆ ଗଣମାଧ୍ୟମ ଟିଁ ଓଡ଼ିଆ ଭାଷାକୁ ଏକ ପ୍ରକାର ଜନମୁଖ କରାଇବାରେ ଆଶା ସଂଚାର କରିପାରିଛି । ଅନ୍ୟଥା ଶିକ୍ଷା-ଶାସନ-ସଂଚାର ଓ ପ୍ରଯୁକ୍ତି ପରି କ୍ଷେତ୍ରରେ ଏହି ଭାଷାର ଗୌଣସ୍ଥିତି ଘୋର ନିରାଶା ସୃଷ୍ଟି କରିଥାଏ । ଓଡ଼ିଆ ଭାଷା ଅଧିନିୟମ ପ୍ରଣୟନ ସତ୍ତ୍ୱେ ଏହି ଭାଷା ସମ୍ପୂର୍ଣ୍ଣ ଭାବରେ ପ୍ରଶାସନର ମାଧ୍ୟମ ହୋଇ ପାରି ନାହିଁ । ଏବେ ମଧ୍ୟ ବୃଶମୂଳ ସ୍ତରରେ ବହୁ ଓ ତହସିଲ ପ୍ରଭୃତି ଅଫିସ ମାନଙ୍କରେ ଇଂରାଜୀ ଭାଷାରେ ଫାଇଲପତ୍ର ଓ ଅନ୍ୟାନ୍ୟ କାର୍ଯ୍ୟ ଚାଲୁଅଛି ।

ପପ୍‌କର୍ଣ୍ଣ ସିଣ୍ଡ୍ରୋମ

॥ ପ୍ରଫେସର ଡାକ୍ତର ସମ୍ରାଟ କର ॥

ଯଦି ଆପଣଙ୍କୁ ସବୁବେଳେ ଗୋଟିଏ କାମରେ ଧ୍ୟାନ ଦେବାରେ ଅସୁବିଧା ହେଉଛି ଆପଣଙ୍କ ମନ ସବୁବେଳେ ଗୋଟିଏବୁ ଆଉ ଗୋଟେ କଥା ଚିନ୍ତା କରିବାକୁ ପଡୁଛି ତେବେ ଆପଣ 'ପପକର୍ଣ୍ଣ ସିଣ୍ଡ୍ରୋମ'ରେ ପୀଡ଼ିତ ହୋଇପାରନ୍ତି । ଏହା କୌଣସି ଚିକିତ୍ସାଗତ ଅବସ୍ଥା ନୁହେଁ ବରଂ ଆମର ଡିଜିଟାଲ ଯୁଗରେ ଥିବା ଏକ ଆଚରଣଗତ ଅବସ୍ଥା । ଯେପରି ପପକର୍ଣ୍ଣ ଦୁଦପରିରେ ପୁରେ ସେହିପରି ସେମାନଙ୍କର ଡିଜିଟାଲ ଅଭ୍ୟାସ ପରିବର୍ତ୍ତନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପପକର୍ଣ୍ଣ ସିଣ୍ଡ୍ରୋମର ମୁଖ୍ୟ କାରଣ ହେଉଛି ଡିଜିଟାଲ ଓଭରଲୋଡ୍ । ଆମର ମସ୍ତିଷ୍କ ନିରନ୍ତର ଇମେଲ, ସୋସିଆଲ ମିଡ଼ିଆ ଅପଡେଟ ଏବଂ ମେସେଜ ସାଂଚ କରିବାର ଅଭ୍ୟାସ ବିକଶିତ କରେ । ଏହି ଅଭ୍ୟାସ ମସ୍ତିଷ୍କକୁ ପ୍ରତି ଜିନ୍ଧି ମିନିଟରେ ଛୋଟ ମାତ୍ରାରେ ଡୋପାମିନ ଦାବି କରିବାକୁ ବାଧ୍ୟ କରେ । ଏହି ନିରନ୍ତର ଉତେଜନା ଗଭୀର ଏକାଗ୍ରତା ଏବଂ ସମସ୍ୟା ସମାଧାନ ପାଇଁ ଦାୟୀ ମସ୍ତିଷ୍କର ଅଂଶକୁ ଦୁର୍ବଳ କରିଦିଏ ଯାହା ଫଳରେ ଧ୍ୟାନ ଦେବାରେ ଅସୁବିଧା ହୁଏ ।

ଏହି ସିଣ୍ଡ୍ରୋମରେ ପୀଡ଼ିତ ବ୍ୟକ୍ତି ଏକାଧିରେ ଅନେକ କାର୍ଯ୍ୟ ଆରମ୍ଭ କରନ୍ତି କିନ୍ତୁ କୌଣସି ଏକ କାର୍ଯ୍ୟ ସମାପ୍ତ କରିବାରେ ବିଫଳ ହୁଅନ୍ତି ଯାହା ଫଳରେ ଉତ୍ପାଦକତାରେ ଯଥେଷ୍ଟ ହ୍ରାସ ପାଏ । ଏହା ବ୍ୟତୀତ ଶୋଇବା ପୂର୍ବରୁ ସ୍କ୍ରିନ ଦେଖିବା ଜିମା ମେସେଜ ସାଂଚ କରିବାର ଅଭ୍ୟାସ ମନକୁ ଅଶାନ୍ତ କରେ । ଯାହା ନିଦ ଗୁଣବତ୍ତା ନଷ୍ଟ କରେ । ନିଜ ଅଭାବ ସମସ୍ୟାକୁ ଆହୁରି ଖରାପ କରିଥାଏ । ପପକର୍ଣ୍ଣ ସିଣ୍ଡ୍ରୋମକୁ ଏଡ଼ାଇବା ପାଇଁ ମାଇଣ୍ଡଫୁଲନେସ ଏବଂ ଡିଜିଟାଲ ଡିଟକ୍ସ ଅଭ୍ୟାସ କରିବା ଗୁରୁତ୍ୱପୂର୍ଣ୍ଣ । ଗୋଟିଏ ସମୟରେ ଗୋଟିଏ କାର୍ଯ୍ୟରେ ଧ୍ୟାନ ଦିଅନ୍ତୁ । ନିଜ ଜୀବନଚର୍ଯ୍ୟା ପାଇଁ ଗୋଟିଏ ଭଲ ରୁଟିନ ତିଆରି କରନ୍ତୁ । ଖାଦ୍ୟ ଓ ବିଶ୍ରାମ ସମୟ ଭଲ ଭାବେ ନିର୍ଦ୍ଧାରିତ କରନ୍ତୁ । ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ । ଜୀବନକୁ ନୈରାଶ୍ୟ ଭିତରେ ନୁହେଁ ଆନନ୍ଦମୟ କରି ଗଢ଼ି ତୋଳନ୍ତୁ ଦେଖିବେ ଏହି ସମସ୍ୟା ଆପଣଙ୍କ ପାଇଁ ଅସମ୍ଭବ ହେବନାହିଁ ।

ମାନସିକ ରୋଗ ବିଶେଷଜ୍ଞ, ଟି'ଡ୍ରେନ, ଫୁଲବାଗାଟ କୋଡ଼, ଜଟନି,
ଦୂରଭାଷ : ୯୧୩୨ ୪୩୩୩୩୩

ଅକାରରୁ ପରିଣାମ ପର୍ଯ୍ୟନ୍ତ: ମନରେଗା ସ୍ଥାନରେ ଭିବି-ଜି-ରାମଜି ର ଆବଶ୍ୟକତା

॥ ନିର୍ଣ୍ଣୀ ମେହତା ॥

ସାର୍ବଜନୀନ ନୀତିର ମୂଲ୍ୟାଙ୍କନ ତାହାର ପ୍ରଭାବ ଓ ପରିଣାମ ଉପରେ ଆଧାରିତ ହେବା ଦରକାର, ଭାବପ୍ରବଣତା ବା ରାଜନୈତିକ ପ୍ରତାକବାଦ ଉପରେ ନୁହେଁ । ମନରେଗାକୁ ଭିବି-ଜି-ରାମଜି ସହିତ ବଦଳାଯିବା ପୂର୍ବରୁମାନଙ୍କରେ ବିରୋଧ ସୃଷ୍ଟି କରିଛି । ସମାଲୋଚକମାନଙ୍କ ମତରେ ନୂତନ ଆଇନଟି ନାଗରିକ ଅଧିକାରକୁ ଦୁର୍ବଳ କରୁଛି, ରାଜ୍ୟଗୁଡ଼ିକ ଉପରେ ଅତିରିକ୍ତ ବୋଝ ଆରୋପ କରୁଛି, କ୍ଷମତାକୁ ଅତ୍ୟଧିକ କେନ୍ଦ୍ରିଭୂତ କରୁଛି ଏବଂ ମହାତ୍ମା ଗାନ୍ଧୀଙ୍କ ଐତିହ୍ୟକୁ ଧୀରେଧୀରେ ସ୍ନାନ କରୁଛି । ତଥାପି, ଏହି ଆପତ୍ତିଗୁଡ଼ିକ ପ୍ରକୃତ ନୀତିର ଗଠନ ଓ ଉଦ୍ଦେଶ୍ୟ ଠାରୁ ସମାଲୋଚକମାନଙ୍କ ରାଜନୈତିକ ଧାରଣାର ଓ ସ୍ୱାର୍ଥକୁ ଅଧିକ ପ୍ରକାଶ କରେ ।

ଭିବି-ଜି-ରାମଜି ଏକ ଅଧିକାର ଅଧାରିତ ଢାଂଚାକୁ ଭାଙ୍ଗି ଦେଇଛି ବୋଲି ଯେଉଁ ଦାବି କରାଯାଉଛି ତାହା ତ୍ରୁଟିପୂର୍ଣ୍ଣ ଧାରଣା ଉପରେ ଆଧାରିତ, କାରଣ କେବଳ ମାତ୍ର ଆଇନଗତ ଅଧିକାର ଅଧିକାର ଅଧିକାର ସୁନିଶ୍ଚିତ ସୁନିଶ୍ଚିତ ହୁଏନା । ମନରେଗା ସହିତ ଦୁଇ ବର୍ଷଧରି ଅଭିଜ୍ଞତା ଏହି ବିଶ୍ୱାସର ସୀମାକୁ ପ୍ରଦର୍ଶନ କରେ । ଦୀର୍ଘ ସମୟ ଧରି ମଜୁରୀ ନମିଳିବା, ଦାବିଗୁଡ଼ିକର ସଠିକ୍ ସମାଧାନ ନହେବା, ଖରାପ ମାନର ସମ୍ପତ୍ତି ସୃଷ୍ଟି ଓ କାର୍ଯ୍ୟାନ୍ୱୟନରେ ଅସମାନତା ଏକ ନ୍ୟାୟସଙ୍ଗତ ଅଧିକାରକୁ ଧାରଣାରେ ଅର୍ଥହୀନ କରିଦେଇଥିଲା । ଯଦି କୌଣସି ଅଧିକାର ଠିକ୍ ସମୟରେ, ପର୍ଯ୍ୟାପ୍ତ ପରିମାଣରେ ଓ ନିୟମିତ ଭାବେ ମିଳେ ନାହିଁ, ତେବେ ସେହି ଅଧିକାର ପ୍ରକୃତରେ ଅଧିକାର ଭାବେ କାମ କରେ ନାହିଁ । ଭିବି- ଜି-ରାମଜି ରାଜ୍ୟର ନିଯୁକ୍ତି ସହାୟତା ଦେବାରେ ଦାୟିତ୍ୱକୁ ହଟାଏ ନାହିଁ ବରଂ ଏହା ସମୟସୀମା ଧାର୍ଯ୍ୟ କରି, ଫଳାଫଳ ସହିତ ପାଣ୍ଠିକୁ ଯୋଡ଼ି ଏବଂ ଦାୟିତ୍ୱକୁ ସ୍ପଷ୍ଟ କରି ସେହି ଦାୟିତ୍ୱକୁ ଭଲ ଭାବରେ ଗଠନ କରେ । ଏହା କମି ନୁହେଁ, ବରଂ ଏକ ବଡଜନରୀ ସୁଧାର ।

ଅଧିକ ମୌଳିକ ଭାବରେ, ନୂତନ ଆଇନ ଭାରତର ବିକାଶ ଚିନ୍ତାଧାରାରେ ଏକ ଆବଶ୍ୟକୀୟ ପରିବର୍ତ୍ତନକୁ ପ୍ରତିଫଳିତ କରେ । ଗ୍ରାମାଞ୍ଚଳର ଗଭୀର ସଙ୍କଟ ସମୟରେ ମନରେଗା କୁ ଏକ ରିଲିଫ୍ ବ୍ୟବସ୍ଥା ଭାବରେ ଡିଜାଇନ୍ କରାଯାଇଥିଲା । ଗ୍ରାମୀଣ ଅର୍ଥନୀତିର ସଙ୍କଟମୁକ୍ତ ନିଯୁକ୍ତିକୁ ଏକ ସ୍ଥାୟୀ ବୈଶିଷ୍ଟ୍ୟ ଭାବେ ଦେଖୁଛେ, ଏହାକୁ ସାଧାରଣ ଅବସ୍ଥା ଭାବରେ ମାନିନେବାର ଆଶଙ୍କୀ ଥାଏ । ଭିବି-ଜି-ରାମଜି ସ୍ପଷ୍ଟ ଭାବରେ କ୍ଷଣସ୍ଥାୟୀ ନିଯୁକ୍ତିକୁ ଜାତିକ୍ରା ସୃଷ୍ଟି, ଦକ୍ଷତା ଏବଂ ଉତ୍ପାଦନକ୍ଷମ ସମ୍ପତ୍ତି ଗଠନ ସହିତ ସଂଯୋଗ କରେ । କାମର ଦିନ ରାତିବା ପରିବର୍ତ୍ତେ ସ୍ଥାୟୀ ଆଜୀବିକା ଉପରେ ଗୁରୁତ୍ୱ ଦେବା ଏକ ମୌଳିକ ସତ୍ୟ । ମର୍ଯ୍ୟାଦା କେବଳ କାମରୁ ନୁହେଁ, ନିୟମିତ ଆୟ ଏବଂ ଜନ୍ମିତ ଗୁରୁଯୋଗରୁ ଆସେ । ଯେଉଁ କଲ୍ୟାଣକାରୀ ବ୍ୟବସ୍ଥାରୁ ସମୟ ସହିତ ବଦଳା ନଯାଏ, ସେହି ବ୍ୟବସ୍ଥା ବାରିତ୍ୟ ହ୍ରାସ କରିବା ପରିବର୍ତ୍ତେ ଲୋକମାନଙ୍କୁ ଅଧିକ ନିର୍ଭରଶୀଳ କରିବାର ଆଶଙ୍କା ରଖେ ।ଗ୍ରାମ୍ୟ ଗୁଡ଼ିକ ଉପରେ କଳ୍ପନାକ୍ଷମ ଦୋଷ ସମ୍ପର୍କିତ ଚିନ୍ତା ମଧ୍ୟ ସ୍ପଷ୍ଟ ଯଥେଷ୍ଟ ଟିକି ରହିପାରେ ନାହିଁ । ମୁଟର୍ଚ୍ଚର ବ୍ୟବସ୍ଥା ଅନୁଯାୟୀ, କେନ୍ଦ୍ର ସରକାରଙ୍କ ତରଫରୁ ବିନଯ ଅନୁଦାନ, ଅପରିଭାଷିତ ଆର୍ଥିକ ଦାୟିତ୍ୱ ଏବଂ ପୂର୍ବରୁ ଧାର୍ଯ୍ୟ ବ[ିନ ସମ୍ପର୍କୀୟ ବିବାଦ କାରଣରୁ ରାଜ୍ୟ ଗୁଡ଼ିକ ସର୍ବଦା ଅନିଶ୍ଚିତତାର ସମ୍ମୁଖୀନ ହେଉଥିଲେ । ଭିବି-ଜି-ରାମଜି ପୂର୍ବ ମାନ୍ୟତା ଗୁଡ଼ିକ ଆର୍ଥିକ ଭୂମିକା, ମଧ୍ୟମଜୀବନ ଯୋଜନା ଏବଂ ଫଳାଫଳ ସହିତ ଜଡ଼ିତ ପାଣ୍ଠି ପ୍ରଚଳନ କରେ । ପୂର୍ବମୁମାନ କରିପାରିବା ହେଉଛି ପ୍ରକୃତ ଆର୍ଥିକ ସଂସ୍ଥାପନାର ମୂଳ ଆଧାର । ରାଜ୍ୟ ଗୁଡ଼ିକ ସମସ୍ୟାର ଦ୍ରୁତ ସମାଧାନରେ ବ୍ୟସ୍ତ ରହିବା ପରିବର୍ତ୍ତେ ପୂର୍ବରୁ ଉପଯୁକ୍ତ ଯୋଜନା ଆଧାର କରିଥିଲେ ଅଧିକ ଉତ୍ପାଦନ ଉପରେ ଅଧିକ ଗୁରୁତ୍ୱ ଦେଇଥିବା ଏକ ନୂତନ ନିଯୁକ୍ତି ଗ୍ୟାରେଂଟି ପଦ୍ଧତିକୁ ଦିଗ ଦେଇଛି । ଏହି ପରିବର୍ତ୍ତନକୁ ସଫଳ କରିବା ପାଇଁ ସତର୍କତା, ପର୍ଯ୍ୟାୟକ୍ରମେ ସଠିକ୍ ସଂଶୋଧନ ଏବଂ ଶୃଙ୍ଖଳିତ ଭାବରେ କାର୍ଯ୍ୟାନ୍ୱୟନ ଆବଶ୍ୟକ, କିନ୍ତୁ ସଂଶୟକୁ ସମ୍ପୂର୍ଣ୍ଣ ଅଙ୍ଗୀକାର କରିବା ଏକ ବଡ଼ ଭୁଲ । ନୀତି ନିର୍ଦ୍ଧାରଣକାରୀ ପାଇଁ ପ୍ରକୃତ ପଦକ୍ଷେପ କରୁଛା ଓ ଦକ୍ଷତା, କିମ୍ବା ଅଧିକାର ଓ ସଂଶୟର ମଧ୍ୟରେ ନୁହେଁ, ବରଂ ପରିବର୍ତ୍ତିତ ସମୟକୁ ମନେରଖି ଜନ କଲ୍ୟାଣ ନୀତିକୁ ଆଗେଇ ନେବା, ପୁରୁଣା ଢାଂଚାକୁ ଧରି ରହିବା ନୁହେଁ । ଭିବି-ଜି-ରାମଜି ଚିନ୍ତାଧାରାରେ ଏକ ବିବର୍ତ୍ତନର ସଙ୍କେତ ଦିଏ । ଏହାର ଉଦ୍ଦେଶ୍ୟ ସାଧାରଣ ଖର୍ଚ୍ଚକୁ ଦୀର୍ଘକାଳୀନ ଗ୍ରାମୀଣ ଉନ୍ନତିରେ ବଦଳାଇବା, କୌଣସି ରାଜନୈତିକ ଲାଭ ନୁହେଁ, ଏହି ଲକ୍ଷ୍ୟ ହିଁ ଜାତୀୟ ଚର୍ଚ୍ଚାର ମୂଳ ବିଷୟ ହେବା ଉଚିତ୍ ।

ରାଜନୈତିକ ବିଶ୍ଳେଷକ ଓ ସମ୍ବାଦକାର

ରେଡ଼ିଓ ଏବଂ କୃତ୍ରିମ ବୁଦ୍ଧିମତା

॥ ଅଧ୍ୟାପକ ରାଜେଶ୍ ରାୟ ॥

ଚଳିତ ବର୍ଷ ବିଶ୍ୱ ରେଡ଼ିଓ ଦିବସର ବାର୍ତ୍ତା ରାଖିଛି ' ରେଡ଼ିଓ ଏବଂ କୃତ୍ରିମ ବୁଦ୍ଧିମତା ' । ସଂଚାରପରେ ଏହାକୁ ବ୍ୟାଖ୍ୟାକଲେ ରେଡ଼ିଓ ସହ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାକୁ ଯୋଡ଼ି ଜନ୍ମିତ ଏକ ନୂତନ ପଥକୁ ଆବିଷ୍କାର କରିବା । ଗତବର୍ଷ ଡିସେମ୍ବର ମାସରେ ଆସାମର ଗୌହାଟୀ ଠାରେ ଅନୁଷ୍ଠିତ ହୋଇଥିବା କୁଇବିନିଆ ପୂର୍ବାଞ୍ଚଳ ଶ୍ରୋତା ଶ୍ରୋତା ବେତାର ସର୍ବେକ୍ଷଣ ୨୦୨୫ ରେ ଏହି ପ୍ରସଙ୍ଗକୁ ମୁଖ୍ୟ ଭାବେ ଆଲୋଚନା କରାଯାଇଥିଲା । କୃତ୍ରିମ ବୁଦ୍ଧିମତା ବା ଆର୍ଟିଫିସିଆଲ ଇଂଟେଲିଜେନ୍ସ୍ ବା ଏ.ଆଇ ହେଉଛି ଆଧୁନିକ ପ୍ରଯୁକ୍ତିବିଦ୍ୟାର ଏକ ଶକ୍ତିଶାଳୀ ଉପକରଣ ଯାହାର ପ୍ରୟୋଗ ଏବେ ବିଭିନ୍ନ କ୍ଷେତ୍ରରେ କରାଯାଉଛି । ଏହି କ୍ରମରେ ରେଡ଼ିଓ ବା ବେତାର ପରି ପୁରାତନ ଗଣମାଧ୍ୟମକୁ ସାମିଲ୍ କରିବା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ । କୃତ୍ରିମ ବୁଦ୍ଧିମତାକୁ ରେଡ଼ିଓରେ ବ୍ୟବହାର କରାଗଲେ ସ୍ପଜନଶୀଳତା, କାର୍ଯ୍ୟଦକ୍ଷତା ଏବଂ ସମ୍ପର୍କର ପୃଷ୍ଠଭୂମି ସୁଦୃଢ ହେବ ବୋଲି ବିଜ୍ଞାନୀ ମଂଚରେ ବର୍ତମାନ ତର୍କ ବିତର୍କ କରାଯାଉଛି । କିନ୍ତୁ ଏହି ପ୍ରଶ୍ନରେ ସ୍ୱାଭାବିକ ଭାବରେ ପ୍ରଶ୍ନ ଉଙ୍କମାରୁଛି ଯେ କୃତ୍ରିମ ବୁଦ୍ଧିମତା ରେଡ଼ିଓରେ କିପରି ଭାବେ କାର୍ଯ୍ୟ କରିବ ? । ରେଡ଼ିଓ ମୁଖ୍ୟତଃ ସ୍ୱର ଓ ଶବ୍ଦକୁ ନେଇ କାର୍ଯ୍ୟକରେ କିନ୍ତୁ ଏହା ପଛରେ ବିଭିନ୍ନ ସାଧନ ଗୁଡ଼ିକ ରହିଥାଏ ଯଥା ଶ୍ରୋତାଙ୍କ ମନ ପସନ୍ଦର କାର୍ଯ୍ୟକ୍ରମ ପ୍ରସାରଣ କରିବା , ନିଆରା ଢଙ୍ଗରେ ଉପସ୍ଥାପନା କରିବା , ସ୍କ୍ରିପ୍ଟ ଲେଖିବା, ସାକ୍ଷାତକାର ନେବା , ଉପଯୋଗୀ ସଙ୍ଗୀତ ପ୍ରସ୍ତୁତ କରିବା ଇତ୍ୟାଦି । ପ୍ରସାରଣର ସ୍ପନ୍ଦ ମାଧ୍ୟମ ଯୋଗେ ରେଡ଼ିଓ ଶ୍ରୋତାଙ୍କ ପାଖରେ ପହଁଚୁଛି ଏବଂ ଏଥିପାଇଁ ପ୍ରତ୍ୟେକ ବେତାର କେନ୍ଦ୍ରରେ ଏକ ନିର୍ଦ୍ଦିଷ୍ଟ ପ୍ରସାରଣ ସଂସ୍ଥା କାମ କରୁଛି । ଏହି ସମସ୍ତ କାର୍ଯ୍ୟରେ ବୈଦ୍ୟୁତିକ ପରିବର୍ତ୍ତନ ଆଣିବା ପାଇଁ କୃତ୍ରିମ ବୁଦ୍ଧିମତା ବା ଏ.ଆଇ ଏକ ବରଦାନ ଭାବେ ବର୍ତମାନ ଉଭା ହୋଇଛି । ଉଦାହରଣ ସ୍ୱରୂପ ରେଡ଼ିଓରେ ପ୍ରସାରଣ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ଅଡିଓ ବା ଭାଷାକୁ ତତକ୍ଷଣାତ୍ ଲେଖାରେ ରୂପାନ୍ତରଣ କରିବା କିମ୍ବା ଲୌକିକ ଲେଖାକୁ ଅଡିଓରେ ରୂପାନ୍ତରଣ କରିବା ଏବଂ ଅନ୍ୟ ଭାଷାରେ ଅନୁବାଦ କରିବା ପରି କାର୍ଯ୍ୟ ଏବେ ସ୍ୱୟଂ ଚାଳିତ କୃତ୍ରିମ ବୁଦ୍ଧିମତା ଦ୍ୱାରା ସମ୍ଭବ ହେଉଛି । କୌଣସି ପ୍ରଚାରର ଅଶ୍ଳୀଳତା ଶବ୍ଦ ଯେପରି ରେଡ଼ିଓରେ ପ୍ରସାରଣ ନହୁଏ ତାର ସମ୍ପୂର୍ଣ୍ଣ ଦାୟିତ୍ୱ ଏ.ଆଇ ରଖୁଛି । ରେଡିଓରେ ପ୍ରସ୍ତୁତ ହେଉଥିବା ସଙ୍ଗୀତ ଭାଷା ଠିକ ଠିକ ଚିହ୍ନା କରନ୍ତୁ ଯେଉଁଥିରେ ଗାଡ଼ିବାର , କଣ୍ଠଶିଳ୍ପୀ , ସଙ୍ଗୀତ ପରିଚାଳକ, ବାଦ୍ୟଯନ୍ତ୍ର ଶିଳ୍ପୀ ଆଦିଙ୍କର ଆବଶ୍ୟକତା ରହେ । ଏଥିପାଇଁ ଅଧିକ ପରିଶ୍ରମିକ ଏବଂ ଦୀର୍ଘ ସମୟ ଖର୍ଚ୍ଚହୁଏ । ଏହି କ୍ଷେତ୍ରପାଇଁ ଯଦି କୃତ୍ରିମ ବୁଦ୍ଧିମତାକୁ ପ୍ରୟୋଗ କରାଯାଏ ତେବେ ଖୁବ୍ କମ୍ ସମୟରେ ଶ୍ରୋତାଙ୍କ ମନ ପସନ୍ଦର ବିଭିନ୍ନ ଗୀତ ପ୍ରସ୍ତୁତ ହୋଇପାରିବ ଯାହାର ଏକ ଜୁକବକ ଉଦାହରଣ ହେଉଛି ଗୁଗୋ ଏ. ଆଇ ଆପ୍ । ବର୍ତମାନ ଏହି ଆପ୍ ଖୁବ ବ୍ୟବହାର କରି କିଛି ମାଧ୍ୟମରେ ସୁନ୍ଦର ସୁନ୍ଦର ଗୀତ ପ୍ରସ୍ତୁତ କରାଯାଉଛି । ଅବଶ୍ୟ ମଣିଷ ଦ୍ୱାରା ପ୍ରସ୍ତୁତ ହେଉଥିବା ଗୀତ ଏବଂ ଗୋଟିଏ ଯନ୍ତ୍ର ଦ୍ୱାରା ପ୍ରସ୍ତୁତ ହେଉଥିବା ଗୀତ ମଧ୍ୟରେ ଅନେକ ପାର୍ଥକ୍ୟ ଅଛି । ତଥାପି ରେଡ଼ିଓର ବିକାଶ ପାଇଁ

ଦୈନିକ
ଆରମ୍ଭ
SEITHO ARAMBHA

ଶୁକ୍ରବାର, ୧୩ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୫

୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ ସମୂହ ମାନଙ୍କ ୧୨ ଧର୍ମଘଟ ଡାକରା ସଫଳ

ଖୋର୍ଦ୍ଧା/ଭୁବନେଶ୍ୱର, ୧୨/୦୨ (ଆ.ପ୍ର) : ୧୦ ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଫେଡେରେସନ ମାନଙ୍କ ପକ୍ଷରୁ ଡାକରା ଦିଆଯାଇଥିବା ଦେଶବ୍ୟାପୀ ଧର୍ମଘଟ ଭୁବନେଶ୍ୱରରେ ସଂପୂର୍ଣ୍ଣ ଭାବରେ ପ୍ରଭାବ ପକିଛି ବୋଲି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଇଏନଟିୟୁସି, ଏଆଇଟିୟୁସି, ଏଚ୍.ଏମ.ଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ୟୁଟିୟୁସିୟୁ, ଏଲପିଏଫ, ସେଣ୍ଟ୍ରା ଓ ବ୍ୟାଙ୍କ, ବୀମା, ରାଜ୍ୟ ଓ କେନ୍ଦ୍ରସରକାରୀ କର୍ମଚାରୀ ମାନଙ୍କର ସ୍ୱାଧୀନ ସଂଗଠନ ପକ୍ଷରୁ ଜୁଲାଯାଇଛି । କେନ୍ଦ୍ର ସରକାରଙ୍କର ୪ଟି ଲେବର କୋଡ ପ୍ରତ୍ୟାହାର, ଶ୍ରମିକ କର୍ମଚାରୀମାନଙ୍କର ୧୪ ଦଫା ଦାବୀ, ମହାତ୍ମାଗାନ୍ଧୀ ଜାତୀୟ ନିଯୁକ୍ତି ଯୋଜନାର ପରିବର୍ତ୍ତନ, ବିଦ୍ୟୁତବିଲ୍ ୨୦୨୫, ବିଜନ ବିଲ ୨୦୨୫, ଶାନ୍ତିବିଲ ୨୦୨୫, ପେନସନ ବିଲ ଓ ବୀମା ନିଯୁକ୍ତି, ୧୦୦ ପ୍ରତିଶତ ପ୍ରତ୍ୟେକ୍ଷ, ବିଦେଶୀ ପୁଞ୍ଜି ଲଗାଣ, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ନିୟନ୍ତ୍ରଣ ଓ ଜିଏସ୍‌ଟି ଛାଡ, ସର୍ବନିମ୍ନ ମାସିକ ୨୬ ହଜାର ଟଙ୍କା ମଜୁରୀ, ପୁରୁଣା ପେନସନ୍ ସ୍କିମ୍ ପ୍ରତ୍ୟାହାର ଓ ସର୍ବନିମ୍ନ ପେନସନ ମାସିକ ୯ ହଜାର ଟଙ୍କା ପ୍ରଭୃତି ଜନ ବିରୋଧୀ ନିତି ବିରୋଧରେ ସର୍ବଭାରତୀୟ ଧର୍ମଘଟରେ ହଜାର ହଜାର ଶ୍ରମିକ ସ୍ଲୋଗାନ ଦେଇ ରେଳଷ୍ଟେସନ, ସିଟିବସଷ୍ଟାଣ୍ଡ, ବ୍ୟାଙ୍କ, ରିଜର୍ଭ ବ୍ୟାଙ୍କ, ଜାତୀୟ ରାଜପଥ, ଇନ୍ୟୁରାନସ୍ କାର୍ଯ୍ୟାଳୟ ରାଜମାହଲ ଛକ, ମଞ୍ଚରାକମ୍ବାଟିନ, ଏସବିଆଇ ଲୋକାଲ ହେଡ କାର୍ଯ୍ୟାଳୟ, ଶ୍ରମ କାର୍ଯ୍ୟାଳୟ, ବିଦ୍ୟୁତ କାର୍ଯ୍ୟାଳୟ, କଳ୍ପନା, ସାମନ୍ତରାପୁର, ଏୟାରପୋର୍ଟ ଛକ, ଉସୁଲଗଡ, ନାଲ୍‌କୋ ମୁଖ୍ୟ କାର୍ଯ୍ୟାଳୟ, ମଂଚେଶ୍ୱର ଖାଲି ସପ ସମ୍ମୁଖରେ ହରତାଳ କରାଯାଇଥିଲା । ଓଡ଼ିଶାରେ ଖୋର୍ଦ୍ଧା ଶିଳ୍ପାଂଚଳ, ରାଉରକେଲା, ପାରାଦ୍ୱିପ, ରାୟଗଡା, ଅନୁଗୁଳ, ସମ୍ବଲପୁର ୩୦ ଟି ଜିଲ୍ଲାରେ ପ୍ରାୟ ୧ କୋଟିରୁ ଅଧିକ ଶ୍ରମଜୀବୀ ଜନଗଣ ଏହି ଧର୍ମଘଟରେ ସାମିଲ ହୋଇଛନ୍ତି ବୋଲି ଜଣାପଡ଼ିଛି । ଦିନ ୧୨ ସମୟରେ ଏକ ବିରାଟ ପଟୁଆର ମାଷ୍ଟର କ୍ୟାଂଟିନ ଠାରୁ ବାହାର ରାଜମହଲ ଛକ ଦେଇ ଗାନ୍ଧୀମାର୍ଗଠାରେ ପହଂଚିଲା ପରେ ବିଭିନ୍ନ ଶ୍ରମିକ ନେତା ଓ କର୍ମୀଙ୍କୁ ପୁଲିସ ଗିରଫ କରିଥିଲା । ସର୍ବଶ୍ରୀ କିଶୋର ଜେନା, ମହେନ୍ଦ୍ର ପଟିତା, ଜ୍ୟୋତିରଞ୍ଜନ ମହାପାତ୍ର, ବି.ଏନ୍ ମହାପାତ୍ର, ସୁର ଜେନା ପ୍ରମୁଖ ଶ୍ରମିକ ନେତାଙ୍କୁ ପୁଲିସ ଗିରଫ କରିଥିବା ଜଣାପଡିଛି । ଏହାକୁ ବିଭିନ୍ନ ଶ୍ରମିକ ସଂଗଠନ ମାନେ ନିନ୍ଦା କରିବା ସହିତ ତୁରନ୍ତ ଛାଡି ଦେବାକୁ ଦାବି କରିଛନ୍ତି । ଆଜିର ଏହି ଧର୍ମଘଟରେ ଆଇଏନଟିୟୁସିର ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆ, ଉପସଭାପତି ମଦନ ମୋହନ ଧଳ, ପ୍ରଶାନ୍ତ ମହାପାତ୍ର, ସଭାନେତ୍ରୀ ପ୍ରଣତି ମିଶ୍ର, ଏଆଇଟିୟୁସିର ରାଜ୍ୟ ସଭାପତି ଡ. ରାମଚନ୍ଦ୍ର ବିଶ୍ୱାଳ ଜେନା, ସୁର ଜେନା, ସିପିଆଇର ସମ୍ପାଦକ ପ୍ରଶାନ୍ତ ମିଶ୍ର, ଏଚ୍‌ଏମ୍‌ଏସ୍‌ର ସମ୍ପାଦକ ବି.ଏନ. ମହାପାତ୍ର, ମହେନ୍ଦ୍ର ମୁର୍ତ୍ତୁଆ, ସିଆଇଟିୟୁର ସଭାପତି ଜନାର୍ଦ୍ଦନ ପତି, ସମ୍ପାଦକ ପ୍ରଦୀପ୍ତ ନାୟକ, ନାଗାମେନ୍ଦ୍ରୀ, ପୁଷ୍ପା ପଣ୍ଡା, ଏଆଇୟୁଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ଜୟସେନ ମେହେର, ଉପସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ନିରଞ୍ଜନ ମହାନ୍ତି, ଏଆଇସିସିଟିୟୁର ସଭାପତି ରାଧାକାନ୍ତ ସେଠୀ, ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡା, ଉପସଭାପତି ବଂଶୀଧର ପରିଡା ଓ ସମ୍ପାଦକ ମାନସ ରଞ୍ଜନ ପ୍ରଧାନ, ଟିୟୁସିସି ସଭାପତି ଜ୍ୟୋତି ରଞ୍ଜନ ମହାପାତ୍ର,ଅମିଲା ପ୍ରସାଦ ପଣ୍ଡା, ରଜନୀଗନ୍ଧୀ ବାରିକ, ଏଲପିଏଫର କାର୍ଯ୍ୟକାରୀ ସଭାପତି ମଧୁସୁଦନ ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ମୟାଧର ନାୟକ, ଅନନ୍ୟମାନ୍ଦ୍ର ମଧ୍ୟରେ ସିପିଆଇ(ଏମ-ଏଲ) ଲିବରେସନ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ପରଶୁଦ୍ଧ ବୁଜର ରାଜ୍ୟ ସଭାପତି ପୂର୍ଣ୍ଣ ପାଢୀ, ସିପିଆଇଏମ୍‌ର ନେତ୍ରୀ ତାପଶ୍ରୀ ପ୍ରଦରାଜ, ଅକ୍ଷୟ ତ୍ରିପାଠୀ, ସିଲି ସେଠୀ, ସଫେଲ କର୍ମଚାରୀ ନେତା ବିଜୟ ବେହେରା, ଜୈନିମ ପୁଆଣ ପ୍ରମୁଖ ଯୋଗ ଦେଇ ଧର୍ମଘଟକୁ ସଫଳ କରାଇଥିଲେ । କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ପକ୍ଷରୁ ବନ୍ଦକୁ ଓଡ଼ିଶାର ଜନସାଧାରଣ ଓ ବ୍ୟବସାୟୀ, ଛାତ୍ର, ଯୁବକ ଓ ମହିଳା ଓ ବିଭିନ୍ନ ଶ୍ରମିକ ସଂଗଠନ ମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

ଆଠ ମାସର ଗର୍ଭବତୀଙ୍କୁ ହତ୍ୟା ଅଭିଯୋଗ ସ୍ୱାମୀ ନେଲା ଦୁଇ ଦୁଇଟା ଜୀବନ

କଳାହାଣ୍ଡି, ୧୨/୦୨ (ଆ.ପ୍ର) : ଆଉ କିଛି ମାସ ପରେ ଘରକୁ ଆସିଥାନ୍ତା କୁନି ଅତିଥି । ଘରେ ଖେଳିଯାଇଥାନ୍ତା ଖୁସିର ଲହରୀ । ମହିଳା ଜୀବନ ମାତୃତ୍ୱ ଲାଭ କରିଥାନ୍ତେ । କାରଣ ପ୍ରାୟ ୮ ମାସ ଧରି ସେ ପେଟରେ କୁନି ଜୀବନଟିକୁ ପାଳୁଥିଲେ । ହେଲେ ଯାହା ଘଟିଛି ତାହା ସମସ୍ତଙ୍କ ହୃଦୟକୁ ଅରାଜ ଦେଇଛି । କଳାହାଣ୍ଡିରେ ୮ ମାସର ଗର୍ଭବତୀଙ୍କୁ ତାର ଜନ୍ମିତ ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି । ଜନ୍ମିତ ସ୍ୱାମୀ ନିଜ ସାଙ୍ଗ ସହ ମିଶି ଗର୍ଭବତୀ ସ୍ତ୍ରୀଙ୍କୁ ହତ୍ୟା ପରେ ଫାର୍ମ ହାଉସରେ ପୋତି ଦେଇଥିବା ଅଭିଯୋଗ ହୋଇଛି । ଭବାନୀପାଟଣା ସହର ଥାନା ସରଲାଙ୍କି ଗ୍ରାମର ଯୁବକ ଲଳିତ ପଟେଲ ନିଜ ସ୍ତ୍ରୀ ସହ ଭବାନୀପାଟଣା ସହରରେ ୨୦୨୩ ରହୁଥିଲେ । ହେଲେ ସ୍ୱାମୀଙ୍କ ପରକୀୟାପ୍ରୀତି ବିଷୟରେ ସ୍ତ୍ରୀ ଜାଣିବା ପରେ ଦୁଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଯାହାକୁ ନେଇ ଲଳିତ ପୂର୍ବ ଯୋଜନା ମୁତାବକ ସାଙ୍ଗ ଦୁଷ୍ମନ୍ତ ଗଉଡ ସହ ମିଶି ୨୬ ଜାନୁଆରୀ ରାତି ୮ଟାରୁ ୯ଟା ସମୟ ସବର ଥାନା ଶ୍ରୀପୁର ଫାର୍ମହାଉସକୁ ନେଇ ବେହରେ ରସି ସାହାଯ୍ୟରେ ସ୍ତ୍ରୀକୁ ହତ୍ୟା କରିଥିଲେ । ଏହା ପରେ ମୃତଦେହକୁ ୨ଫୁଟ ଗାତ ଖୋଲି ପୋତି ଦେଇଥିଲେ । ଗତ ସୋମବାର ଦିନ ଫାର୍ମ ହାଉସ ଜୁଆଡି ସଫା କରିବା ସମୟରେ ହାଡ ଦେଖା ଯିବାରୁ ପୋଲିସକୁ ଖବର ଦେବାପରେ ପୋଲିସ ପଛଂଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ପରବର୍ତ୍ତୀ ସମୟରେ ମୃତ ମହିଳାଙ୍କ ପରିବାର ଲୋକେ ସବର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଆଜି ଲଳିତଙ୍କୁ ଗିରଫ ପରେ ସହଯୋଗୀ ଦୁଷ୍ମନ୍ତକୁ ଧରିଛି ପୋଲିସ । ଏହାପରେ ଉଭୟଙ୍କୁ ଘଟେଶ୍ୱରନରେ ସିନ୍ ରିଲେସନ ପରେ ଦୁଇ ଅଭିଯୁକ୍ତଙ୍କୁ ସବର ଥାନାରେ ଅଟକ ରଖାଯାଇଛି । ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ ବୋଲି କଳାହାଣ୍ଡି ଏସପି ସୂଚନା ଦେଇଛନ୍ତି ।

ଗଣିଆ ବ୍ଲକରେ ଭାରତ ବନ୍ଦର ପ୍ରଭାବ ସଫଳ

ଗଣିଆ, ୧୨/୦୨ (ଆ.ପ୍ର) : କେନ୍ଦ୍ରୀୟ ଶ୍ରମ ଆଇନକୁ ବିରୋଧ କରି ୧୦ଟି ଟ୍ରେଡ ୟୁନିୟନ ତରଫରୁ ଭାରତ ବନ୍ଦ ଡାକରା ଦିଆଯାଇଥିଲା । ଏହି ବନ୍ଦକୁ କଂଗ୍ରେସ ଏବଂ ବିଜୁ ଶ୍ରମିକ ସାମୁଖ୍ୟ ସମର୍ଥନ କରିଥିଲେ । ଏହି ଅବସରରେ ଗଣିଆ ବ୍ଲକ କଂଗ୍ରେସ ସଭାପତି ହଳିମ ଖାଁ, ତ୍ରିନାଥ ବେହେରା, ପ୍ରଦୀପ କୁମାର ମହାପାତ୍ର,ପାଟିକା ସଂଘର ସଭାପତି ମିଳିତା ନାୟକ, ଆଶା ସଂଘର ଜିଲ୍ଲା ସମ୍ପାଦିକା ମଜୁରୁ ରାଉତ,ଗଣିଆ ବ୍ଲକ ସମ୍ପାଦିକା କୋକିନ ସାହୁ, ଜିଲ୍ଲା ସ୍ତରୀୟ ନେତା କାଳନ୍ଦୀ ନାୟକଙ୍କ ସମେତ ୫୦ରୁ ଅଧିକ ଆଶା ଏବଂ ପାଟିକା ମାନେ ଏକତ୍ରିତ ହୋଇଥିଲେ । ଗଣିଆ ବସଷ୍ଟାଣ୍ଡ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ଆଗଆଗ ଅଫିସ, ତହସିଲ, ବ୍ଲକ, ବ୍ୟାଙ୍କ, ସ୍କୁଲ, କଲେଜ ସମେତ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠରେ ଚାଲିଥିବା ଶିକ୍ଷକ ତାଲିମ ଶିବିରକୁ ବନ୍ଦ କରିଥିଲେ । ଆନ୍ଦୋଳନକାରୀ ମାନେ ଗଣିଆ-ବଣପଲ୍ଲୀ ରାସ୍ତାକୁ ଅବରୋଧ କରି ବସି ରହିଥିଲେ । କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ଆଇନକୁ ବିରୋଧ କରି ସେମାନେ ନାରାବାଜୀ କରିଥିଲେ । ଆମେ କାର୍ଯ୍ୟିକି ସ୍ୱେଚ୍ଛାସେବୀ ତୁମେ କାର୍ଯ୍ୟିକି ବେତନ ଭୋଗୀ ନାରାରେ ଆନ୍ଦୋଳନସ୍ଥଳ କମ୍ପି ଉଠିଥିଲା । ଶ୍ରମିକ ସଂଗଠନର ଦାବି ଯଦି ସରକାର ନଶୁଣନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ତିବ୍ରତର କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ । ଥାନା ଅଧିକାରୀ ବଙ୍କଧର ଛତ୍ରିୟା ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ବଜାୟ ରଖିଥିଲେ ।

ଏସୟୁସିଆଇ ପକ୍ଷରୁ ଯାଜପୁରରେ ଧର୍ମଘଟ ପାଳିତ

ଯାଜପୁର, ୧୨/୦୨ (ଆ.ପ୍ର) :୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ କର୍ମଚାରୀ ଫେଡେରେସନ ମାନଙ୍କ ମିଳିତ ଆହ୍ୱାନରେ ଦେଶବ୍ୟାପି ସାଧାରଣ ଧର୍ମଘଟ ସମର୍ଥନରେ ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଯାଜପୁର ସହରରେ ରାସ୍ତାରୋକ ଏବଂ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ସକାଳ ୭ ଘଟିକା ସମୟରୁ ଦଳର ନେତା କର୍ମୀ ହାତରେ ବ୍ୟାନର, ପ୍ଲାକାର୍ଡ୍-ପେଷ୍ଟର ଧରି ମେଡିକାଲ ଛକ ଠାରେ ଦୀର୍ଘସମୟ ଧରି ରାସ୍ତା ଅବରୋଧ କରିଥିଲେ । ଶ୍ରମିକ ସ୍ୱାର୍ଥ ବିରୋଧି ୪ଟି ଶ୍ରମ କୋଡକୁ ବାତିଲ କରିବା, ବିଦ୍ୟୁତ ସଂଶୋଧନ ବିଲ୍ ୨୦୨୫କୁ ପ୍ରତ୍ୟାହାର କରିବା, ରାଷ୍ଟ୍ରୀୟ ଉଦ୍ୟୋଗ ଓ ସରକାରୀ କ୍ଷେତ୍ରରେ ଘରୋଇକରଣ ବନ୍ଦ କରିବା, ଅତ୍ୟାବଶ୍ୟକ ଜିନିଷ ପତ୍ରର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ଦୈନିକ କାର୍ଯ୍ୟନିର୍ଦ୍ଦଂଟକୁ ୮ ଘଂଟାରୁ ୧୨ ଘଂଟା ବୃଦ୍ଧି ବନ୍ଦ କରିବା, ଜାତୀୟ ଶିକ୍ଷାନୀତି ୨୦୨୦କୁ ବାତିଲ କରିବା, ପ୍ରଭୃତି ସ୍ଲୋଗାନ ଦେଇ ଆନ୍ଦୋଳନ କାରୀମାନେ ମେଡିକାଲ ଛକରୁ ବାହାରି ଗାନ୍ଧିଛକ, ଥାନା ଛକ, ବସ୍ ଷ୍ଟାଣ୍ଡ ପ୍ରଭୃତି ସହର ପରିକ୍ରମା କରିଥିଲେ । ଏହି ଆନ୍ଦୋଳନକୁ ନେତୃତ୍ୱନେଇ ଥିଲେ ଏସୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ସଭ୍ୟ ତଥା ଜିଲ୍ଲା ସମ୍ପାଦକ ସୁରେନ୍ଦ୍ର ମଲ୍ଲିକ ଏବଂ ରାଜ୍ୟ କମିଟି ସଭ୍ୟ ଅଚ୍ୟୁତ ପ୍ରଧାନ, ସୁବାସ ମଲ୍ଲିକ, ଜିଲ୍ଲା କମିଟି ସଭ୍ୟ ବୀର କିଶୋର ନାୟକ, ରାଧାବଲ୍ଲଭ ମଲ୍ଲିକ, ସୁଲୋଚନା ପ୍ରଧାନ, ତରଙ୍ଗିନୀ ଦାସ, ଅଭିମନ୍ୟୁ ଦାସ, ଅକ୍ଷୟ ପଣ୍ଡା, ଚୈତନ୍ୟ ମହାରଣା, ସଂଗଠକ ଲବଙ୍ଗଲତା ଜେନା, ମାଧବୀ ମଲ୍ଲିକ, ରାଜକିଶୋର ନାଥ, ରାଜଶ୍ରୀ ମହାନ୍ତି, ଘନଶ୍ୟାମ ପରିଡ଼ା, ପ୍ରମୋଦ ମଲ୍ଲିକ, ବିଷ୍ଣୁ ବେହେରା, ନାରାୟଣ ମଲ୍ଲିକ, ମଧୁ ସେଠୀ, ନିଗମାନନ୍ଦ ଦାସ, ବିଶ୍ୱନାଥ ସାହୁ, ବିନୋଦ ବିହାରୀ ସାହୁ ପ୍ରଭୃତି ଏଥିରେ ସାମିଲଥିଲେ । ଜନସାଧାରଣ ଅନୁକୂଳ ସମର୍ଥନ ଓ ସାହାଯ୍ୟକରି ଧର୍ମଘଟକୁ ସଫଳ କରିଥିବାରୁ ପାର୍ଟି ପକ୍ଷରୁ ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ବୁର୍ଦ୍ଧାର ସଚେତନ ସଂଗଠିତ ଆନ୍ଦୋଳନ ଗଢ଼ିତୋଳିବାକୁ ନିବେଦନ କରିଛନ୍ତି ।

ପାପଡାହାଣ୍ଡି ଠାରେ ଭାରତ ବନ୍ଦ ସଫଳ

ପାପଡାହାଣ୍ଡି, ୧୨/୦୨ (ଆ.ପ୍ର) : ବିଭିନ୍ନ ଶ୍ରମିକ ସଂଗଠନ ତରଫରୁ ଦିଆ ଯାଇଥିବା ୧୨ ଘଂଟିଆ ଭାରତ ବନ୍ଦର ପ୍ରଭାବ ପାପଡାହାଣ୍ଡି ବ୍ଲକରେ ଦେଖିବାକୁ ମିଳିଛି । କେନ୍ଦ୍ର ସରକାରଙ୍କ ବିଭିନ୍ନ ନିତିକୁ ବିରୋଧ କରି ପାପଡାହାଣ୍ଡି ବ୍ଲକ ସଦର ମହକୁମା ଠାରେ ନିର୍ମାଣ ଶ୍ରମିକ ସଂଗଠନ, କୃଷକ ସଂଗଠନ, କଂଗ୍ରେସ ଦଳ ତରଫରୁ ପାପଡାହାଣ୍ଡି ଠାରେ ବନ୍ଦ ପାଳନ କରାଯାଇଛି । ଏହି ବନ୍ଦ ପାଳନ ଫଳରେ ଚକ, ଅଞ୍ଚ, ସମସ୍ତ ସ୍କୁଲ, କଲେଜ, ବ୍ୟାଙ୍କ, ସମସ୍ତ ସରକାରୀ ଏବଂ ବେସରକାରୀ ଅଫିସ, ପୋଷ୍ଟ ଅଫିସ, ସମସ୍ତ ଦୋକାନ ବଜାର ବନ୍ଦ ରହିଛି । ଏହି ଭାରତ ବନ୍ଦ ଆନ୍ଦୋଳନରେ କୃଷକ ନେତା ତଥା ବ୍ଲକ କଂଗ୍ରେସ ସଭାପତି ସେବ ଖାଲିଲ ହୁସେନ ଓ ଯୁବୁତ୍ତର୍ଜୁ ସଭାପତି ରାଜକିଶୋର ରାଓ, ପାପଡାହାଣ୍ଡି ନିର୍ମାଣ ଶ୍ରମିକ ସଙ୍ଘ ସଭାପତି ନରସିଂହ ନାୟକ, ବବୁଲୁ ଖାନ, ଜାଡ଼େଶ୍ୱର ରାଉ ଓ ଅନ୍ୟ ସଂଗଠନର କାର୍ଯ୍ୟକର୍ତା ମାନେ ସାମିଲ ହୋଇ ସହଯୋଗ କରିଥିଲେ, ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବନ୍ଦ ପାଳନ ହୋଇଛି, ବ୍ଲକର ପାପଡାହାଣ୍ଡି ସହିତ ମଳିଆ, ଜଟାବାଲ, ଚୂଡ଼ାଳି, ମେମିଲପୁର ଠାରେ ମଧ୍ୟ ବନ୍ଦ ପାଳନ ଶାନ୍ତି ଶୃଙ୍ଖଳା ସହିତ ପାଳନ ହୋଇଛି ।

ନିଶା ଖାଲ ବେହୋସ ସପ୍ତମ ଶ୍ରେଣୀର ଛାତ୍ର

ବଶପଲ୍ଲୀ, ୧୨/୦୨ (ଆ.ପ୍ର) : କୟାଗଡ ଜିଲ୍ଲା ବଶପଲ୍ଲୀ ଏନସି ଅନ୍ତର୍ଗତ ବଶପଲ୍ଲୀ ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଦୁଇ ଛାତ୍ର ନିଶା ଖାଲ ଆବିଷ୍ଟ ଘଟଣା ଦେଶ୍ ଆଲୋଡନ ସୃଷ୍ଟି କରିଛି । ପ୍ରାର୍ଥନା ସମୟରେ ଜଣେ ଛାତ୍ର ବେହୋଶ ହେବା ପରେ ଘଟଣା ଜଣାପଡ଼ିଥିଲା । ଛାତ୍ର ମଦ୍‌ପପାନ କରିଥିବାର ସ୍ୱୀକାର କରିବା ପରେ ବିଦ୍ୟାଳୟ ପକ୍ଷରୁ ଅଭିଭାବକଙ୍କୁ ଅବଗତ କରାଯାଇଥିଲା । ସେମାନେ ବିଦ୍ୟାଳୟରେ ପହଂଚି ଉତରେଟା ପ୍ରକାଶ କରିଛନ୍ତି । ପରିବାର ଲୋକ ଆସିବା ପରେ ସେମାନଙ୍କୁ ହସ୍ତାନ୍ତର କରାଯାଇଛି । ସେପଟେ ନିଶାସକ୍ତ ଛାତ୍ରଙ୍କ ମା ଅଭିଯୋଗ କରିଛନ୍ତି ପୁଅ ସରୁ ମଦ ପିଇକି ଆସିନାହିଁ ବିଦ୍ୟାଳୟରେ କିଛି ପିଲାଙ୍କ ସହିତ ମିଶି ମଦ୍‌ପପାନ କରିଛି । ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ସାହୁ ଏହାକୁ ଖଣ୍ଡନ କରିଛନ୍ତି । ତର୍ଦ୍ଦାର ବିଷୟ ବୁଲ କାହାର ?

ମାଦ୍ରାସା ନଓ୍ୱାଜ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଟାଙ୍କୀ ଚୌଦ୍ୱାର, ୧୨/୦୨ (ଆ.ପ୍ର) : ଟାଙ୍କୀ ଚୌଦ୍ୱାର ବ୍ଲକ କଛେଇପୁର ପଂଚାୟତ ଅନ୍ତର୍ଗତ ଲଗଡପୁର ୨ ଠନମ୍ବର ୱାର୍ଡରେ ମଦ୍ରାସା ଗରିବ ନଓ୍ୱାଜ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବାଟମ୍‌ର ଉଦ୍ଘାଟନ ଟାଙ୍କୀ ସାଲେପୁର ଜନପ୍ରିୟ ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇଥିଲେ । ବିଦ୍ୟାଳୟ ସଭାପତି ମିର୍ଜା ନେସାର ବେଗ ସଭାପତିତ୍ୱରେ ଶିକ୍ଷା ମଣ୍ଡଳ ଅଧିକାରୀ ପ୍ରଭାତ କୁମାର ନାୟକ, ବରିଷ୍ଠ ଆଇନଜୀବୀ ତଥା କଳକ ଜିଲ୍ଲା ବିଜୁ ଜନତା ଦଳର ଉପସଭାପତି ଚିତ ରଞ୍ଜନ ସାମନ୍ତ, ବରିଷ୍ଠ ଶିକ୍ଷାବିତ ଧାରେନ୍ଦ୍ର ଜେଠି, ପ୍ରାଣନ ଆମ୍ବା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ସିଆରପିସି ଲବଙ୍ଗ ଲତା ନାୟକ, ବରିଷ୍ଠ ମୁରବି ପରମାନନ୍ଦ ନାୟକ, ଆସମା ଖାତୁନ, ମିର୍ଜା ଉସ୍ମାଇଲ ବେଗ, ପ୍ରଶାନ୍ତ ଚୌଧୁରୀ ଉପସ୍ଥିତ ଥିଲେ । ଉତ୍ସବାପଦି ଉତ୍ସବରେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା(ତ୍ରିଦେବସାର)ଯୋଗଦେଇ ଥିଲେ । ପିଲାମାନଙ୍କ ଭବିଷ୍ୟତ ପାଇଁ ବହୁ ମୂଲ୍ୟବାନ କାର୍ଡ ଦେଇଥିଲେ । ଭାରତ ମାତାଙ୍କି ଜୟଧ୍ୱନିରେ ସ୍ଥଳ ପରିସର ପ୍ରକମ୍ପିତ ହେଇଥିଲା । ସହକାରୀ ଶିକ୍ଷକ ଯୟତ ତନ୍ଦବଂଶ ଅହମଦ ମଂଚ ପରିଚାଳନା ଓ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ ସେକ ଲ୍ୟାକତ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ରଶ୍ମିତା ଖାତୁନ, ଆୟେଷା ବେଗମ, ସାଇନବାନୋ, ରିଜୱାନ ବିବି, ରୁଲସୋନା ବିବିଙ୍କ ସହିତ ପରିଚାଳନା କମିଟିର ସେକ ହବିବ, ଜୈନୁଲ ଆବେଦିନ ଖାନ, ସାଜିଦ ଖାନ, ହଲିମା ବିବି, ସେକ ତାଜୁଦ୍ଦିନ, ମେଜୁଜ ବିବି, ଜୋହରା ବିବି ଉପସ୍ଥିତ ଥିଲେ ।

କଂଗ୍ରେସର ବନ୍ଧୁ ମିଳନ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ବିଭିନ୍ନ ଦଳରୁ ପ୍ରାୟ ୫୦ ଜଣ କର୍ମୀ କଂଗ୍ରେସରେ ସାମିଲ

ବାଲିଗୁଡା, ୧୨/୦୨ (ଆ.ପ୍ର) : ଜଦ୍ଧମାନ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଟିକାବାଲି ବ୍ଲକ କଟିମାହା ପଂଚାୟତର ଜୁଟୁକାଗାଁ ସ୍ଥିତ ଶ୍ରୁଣୀଗାଡ଼ା ଠାରେ ବ୍ଲକ କଂଗ୍ରେସ ପକ୍ଷରୁ ଏକ ବନ୍ଧୁ ମିଳନ ଓ ମିଶ୍ରଣ ପର୍ବ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି । ନବନିଯୁକ୍ତ ଟିକାବାଲି ବ୍ଲକ କଂଗ୍ରେସ ସ

ଦୈନିକ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୧୩ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ନିର୍ବାଚନ ମଣ୍ଡଳୀ ପୁନଃ ଗଠନ ପାଇଁ ବୈଠକ

କୋଳସରା, ୧୨/୦୨ (ଆ.ପ୍ର) :ସର୍ବପୁରାତନ କୋଳସରା ବିଧାନସଭା ନିର୍ବାଚନ ମଣ୍ଡଳୀ ଗତ ୨୦୦୯ ମସିହାରେ ସୀମା ପୁନଃଗଠନ ହେତୁ ଉଚ୍ଛେଦ କରି ଧର୍ମଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନ୍ତର୍ଭୁକ୍ତ କରି ଦିଆଗଲା । ତେବେ ଏହି ସର୍ବପୁରାତନ ବିଧାନସଭା ନିର୍ବାଚନ ମଣ୍ଡଳୀକୁ ପୁନଃ ଗଠନ ତଥା ଫେରେଇ ଆଣିବା ପାଇଁ କୋଳସରା ନିର୍ବାଚନ ମଣ୍ଡଳୀ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି । ଏହି କମିଟି ବିଭିନ୍ନ ଗ୍ରାମ ପଂଚାୟତରେ ପଞ୍ଚଂଚି ଅଂଚଳବାସୀଙ୍କ ସହିତ ଏ ବିଷୟରେ ଆଲୋଚନା କରିବା ସହ ସେମାନଙ୍କ ମତାମତ ସଂଗ୍ରହ କରାଯାଇଛି । ଏହି କ୍ରମରେ ଗୁରୁଡ଼ାଣ ବୁଜର ବଡ଼ପୋଡ଼ାଗୁଡ଼ା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଛି । ମନୋଜ କୁମାର ଦାସ ସଭାର ସଭାପତିତ୍ୱ କରିଥିଲେ । ତେବେ ବୈଠକରେ ଉପସ୍ଥିତ ଗ୍ରାମବାସୀ ମାନେ ସମସ୍ତେ ଭକ୍ତ ପ୍ରସ୍ତାବକୁ ସମର୍ଥନ ଜଣାଇବା ସହ ପୂର୍ବ ଗୌରବକୁ ଫେରେଇ ଆଣିବା ପାଇଁ ପ୍ରତିଶ୍ରୁତି ବଦ୍ଧ ବୋଲି କହିଥିଲେ । ଏହି କ୍ରମରେ ପଂଚାୟତସରପଞ୍ଚ ଦାବିକୁ ତାଙ୍କୁ କରିବା ପାଇଁ ବଡ଼ପୋଡ଼ାଗୁଡ଼ା ଗ୍ରାମ ପଂଚାୟତ ନିମନ୍ତେ ୧୧ ଜଣିଆ କମିଟି ଗଠନ କରାଯାଇଥିଲା । ବୈଠକରେ କ୍ରିୟାନୁଷ୍ଠାନ କମିଟିର ସଭାପତି ରାଜାବ କୁମାର ଅଗ୍ରୱାଲ, କୋଳସରା ସରପଂଚ କିଶୋର ଚନ୍ଦ୍ର ପ୍ରଧାନୀ, ଶ୍ରୀନିବାସ ପ୍ରଧାନୀ, ଧବଳେଶ୍ୱର ନାଗ, ସନତ କୁମାର ପ୍ରଧାନୀ, ପ୍ରଧାନୀ ବାଗ, ମହେନ୍ଦ୍ର ନେଗୀ, ବରାତଙ୍ଗା ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ, ବଡ଼ପୋଡ଼ାଗୁଡ଼ା ନାୟବ ସରପଂଚ ବିଜୁ ନାୟକ, ଧର୍ମାଳନ୍ଦ ନାୟକ, ପୂର୍ବତନ ସରପଂଚ ଗୋବର୍ଦ୍ଧନ ନାୟକ, ଶ୍ରୀମନ୍ତ ପାତ୍ରୀ, ସୁରେଶ ଚନ୍ଦ୍ର ସାହୁ, ବିନୋଦ କୁମାର ସିଂ, ସଞ୍ଜୟ ସିଙ୍ଗଲ, ନରହରି ସୁନା, ରବିନାରାୟଣ ଦାସ, ବିମଳ ଦାସ, ମନୁଜ ଦାସ, ଯୁଗଲ ନାୟକ, ଗାସିରାମ ନାୟକ, ଚେତନ ବେନାକ ସମେତ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ରହି ଆଲୋଚନାରେ ଭାଗନେଇଥିଲେ ।

ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଉପଲକ୍ଷେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀ

ନବରଙ୍ଗପୁର, ୧୨/୦୨ (ଆ.ପ୍ର) : ଆସନ୍ତା କାଲି ତା ୧୩/୦୨/୨୦୨୬ ଖିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ନବରଙ୍ଗପୁର ଜିଲ୍ଲା ଗସ୍ତ ପରିପେକ୍ଷୀରେ ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଶୋକ ମେହେତା ସଚ୍ଚିବାଳୟ ସ୍ଥାଇଁରେ ଜିଲ୍ଲାପାଳ ଡ଼ ମନୋଜ୍ଞ ସ୍ୱାଇଁ ଦ୍ୱାରା ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବରଙ୍ଗପୁର ଜିଲ୍ଲା ଗସ୍ତ କରି ନୂତନ ମଣ୍ଡେଲ ପଡିଆ ଦିଲ୍ଲି ଠାରେ ଆୟୋଜିତ ସଭାରେ ସରକାରଙ୍କ ନୂଆ ଯୋଜନା' ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା' ର ଶୁଭାରମ୍ଭ କରିବା ସହ ୫୦ ଏକର ୫୪ ଡିସିମିଲ ଜମିରେ ପଟଲଗୁଡ଼ା ଠାରେ ନିର୍ମାଣ ହେବାକୁ ଥିବା ନୂତନ ସରକାରୀ ମେଡିକାଲ କଲେଜର କ୍ଷିତିସ୍ତମ୍ଭର ସ୍ଥାପନ କରିବେ । ଏହା ସହିତ ଜିଲ୍ଲାରେ ୪୪୬ କୋଟି ୨୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ବିଭାଗୀୟ ଜନହିତମୂଳକ ପ୍ରକଳ୍ପର କ୍ଷିତିପ୍ରସ୍ତର ସ୍ଥାପନ ଏବଂ ଜାତୀୟକରି କରିବେ ।'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ' ରେ ଆର୍ଥିକ ଅନଗ୍ରସର ଶ୍ରେଣୀର ବରିଷ୍ଠ ନାଗରିକ (୬୦ ରୁ ୭୫ ବର୍ଷ ବୟସ) ଓ ୭୫ ବର୍ଷ ବୟସ ମଧ୍ୟରେ ସମସ୍ତ ବିଧବା ମହିଳା ପୁରୀ ଶ୍ରୀକ୍ଷେତ୍ର ଯାଇ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିପାରିବେ । ରାଜ୍ୟ ସରକାର ଏହି ଯୋଜନାରେ ଅନ୍ତର୍ଭୁକ୍ତ ସମସ୍ତ ଭକ୍ତ ମାନଙ୍କର ଯାତାୟାତ ଓ ଅନ୍ୟାନ୍ୟ ଆବଶ୍ୟକ ବ୍ୟବସ୍ଥାର ସମସ୍ତ ଖର୍ଚ୍ଚ ବହନ କରିବେ । ଆସନ୍ତା କାଲି ୪ ଟି ବସ ଯୋଗେ ୧୪୮ ତୀର୍ଥଯାତ୍ରୀ ଏବଂ ୧୨ ଜଣ ଜୋତାଳ ଅଧିକାରୀ ପୁରୀ ଅଭିମୁଖେ ଯାତ୍ରା କରିବେ । ନୂତନ ସରକାରୀ ମେଡିକାଲ କଲେଜ ସ୍ଥାପନ ହେଲେ ନବରଙ୍ଗପୁର ଜିଲ୍ଲା ଓ ନିକଟବର୍ତ୍ତୀ ଜିଲ୍ଲାର ଜନ ସାଧାରଣ ଉଚ୍ଚମାନର ଚିକିତ୍ସା ସେବା ପାଇପାରିବେ ବୋଲି ଜିଲ୍ଲାପାଳ ଡ଼ ମନୋଜ୍ଞ ସ୍ୱାଇଁ ସୂଚନା ଦେଇଥିଲେ ।

କନ୍ଧମାଳ ଯୁବକକୁ ପୁରୀରେ ଅପହରଣ, ଏତଲା ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍



ବୃତ୍ତିବିନ୍ଧ, ୧୨/୦୨ (ଆ.ପ୍ର) : ସୂଚନା ଅନୁଯାଇ କନ୍ଧମାଳ ଜିଲ୍ଲା ବୃତ୍ତିବିନ୍ଧ ଥାନା ଜଉଡୁଡୁଗା ଗ୍ରାମର ଶିବରା ଦିଗାଲଙ୍କ ପୁତ୍ର ଫିଲିମନ ଦିଗାଲ ନାମକ ଜଣେ ଯୁବକ ପୁରୀ ଜିଲ୍ଲାର କୃଷ୍ଣ ପ୍ରସାଦ ଥାନା ଅନ୍ତର ଗତ ଖଲା ମୁଣ୍ଡି ଗ୍ରାମର ଝାନ୍ଦ୍ରୀ ବେହେରା ପିତା ମୋହନ ବେହେରାଙ୍କୁ ପ୍ରେମ ବିବାହ କରିଥିଲେ । ବିବାହ ପରେ ଦୁହେଁ ଖୁସିରେ ରହୁଥିଲେ ଗତ ଦିନରେ ପୁଅକୁ ଝାନ୍ଦ୍ରୀଙ୍କ ବାପା ସଙ୍ଗ ସେବେ ବଜାର ଯିବାକୁ ଡାକି ଥିଲେ ଯୁବକ ଜଣକ ମଟର ସାଇକେଲରେ ଝାନ୍ଦ୍ରୀଙ୍କ ବାପାଙ୍କୁ ନେଇ ବଜାର ଜୁଆଇଥିବା ସମୟରେ ଗାଁ ଠାରୁ କିଛି ଦୂରରେ ଜାଚିନ ଯିବା ବାହାନା କରି ଯୁବକକୁ ଛାଡି ଯାଇ ଥିଲେ ଯୁବତୀଙ୍କ ବାପା । ସେହି ସମୟରେ ଯୁବକ ନିଜ ସ୍ତ୍ରୀଙ୍କ ସହ ଅର୍ଥତ ଝାନ୍ଦ୍ରୀଙ୍କ ସହ ଫୋନରେ କଥା ହେଉଥିଲେ । ଉକ୍ତ ସ୍ଥାନରେ କିଛି ଅଜଣା ଲୋକ ଆସି ଯୁବକକୁ ଡେକି ନେଇ ଯାଉଥିବା ସମୟରେ ଯୁବକଫୋନରେ ନିଜ ସ୍ତ୍ରୀକୁ କହି ମୋତେ ବଂଚା, ମୋତେ ବଂଚା ଝାନ୍ଦ୍ରୀ କହି ଫୋନ କଟି ଯାଇ ଥିବା ସୂଚନା ଦେଇଛନ୍ତି ଝାନ୍ଦ୍ରୀ ଅର୍ଥାତ ଯୁବକଙ୍କ ସ୍ତ୍ରୀ । ଝିଅର ବାପା କାଣି ଶୁଣି କିଛି ଝିଅକୁ କହିନ ଥିବା ଶୁଣା ଯାଉଛି, ଖବର ପାଇ ଝାନ୍ଦ୍ରୀ ବୃତ୍ତିବିନ୍ଧ ଥାନାରେ ଅଭିଯୋଗ କରିଥିଲେ ।ଏ ଘଟଣା ଗୁରୁତ୍ୱ ଦେଇ ଥାନା ପୋଲିସ ଏହି ଅଭିଯୋଗ ଉପରେ ଏତଲା ନେଇ ତଦନ୍ତ ଆରମ୍ଭ କରିଛି । ଏହି ଘଟଣା ଜଣାପଡିବା ପରେ ଯୁବକଙ୍କ ପରିବାରରେ ଶୋକର ଛାୟା ଖେଳିଯାଇଛି । ଏ ଘଟଣା ଜଣାପଡିବା ପରେ ଯୁବକଙ୍କ ପରିବାର ଆତ୍ମୀୟ ସ୍ୱଜନ ଏବଂ ଗ୍ରାମବାସୀ ଏହି ଘଟଣାର ଦ୍ରୁତ ତଦନ୍ତ ଦାବି କରିଛନ୍ତି । ଏ ଘଟଣା ଜଣାପଡିବା ପରେ ଯୁବକଙ୍କ ପରିବାର ଆତ୍ମୀୟ ସ୍ୱଜନ ଏବଂ ଗ୍ରାମବାସୀ ଏହି ଘଟଣାର ଦ୍ରୁତ ତଦନ୍ତ ଦାବି କରିଛନ୍ତି ।

କରୁଣାକର ବିଦ୍ୟାପୀଠରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

ପାତ୍ରପୁର, ୧୨/୦୨ (ଆ.ପ୍ର) : ପାତ୍ରପୁର ବ୍ଲକ ସବରନମକୁମା ସ୍ଥିତ ପିଏମଶ୍ରୀ ଶ୍ରୀ କରୁଣାକର କୋଡାଳ ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଟିରାଜ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଜିଡି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ସାଂସଦ ପ୍ରତିନିଧି ମିନା ଦ୍ୟାନ ସାମନ୍ତରା, ବିଡ଼ିଓ ଲକ୍ଷ୍ମଣ ଚରଣ ସୋରେନ, ଚରଣିକଳାର ଅଶୋକ ପଟ୍ଟନାୟକ, ବ୍ଲକ ଶିକ୍ଷା ଅଧିକାରୀ ମଧୁସୂଦନ ପୃଷ୍ଟା, ଏବିଇଓ ସିମାଂଚଳ ପାଲକ, ଜୀ ଭୀମାରାଓ ତିନେୟା ସେଠୀ ସିଆରସିସି ଗିରିଜା ଶଙ୍କର ନାୟକ ପ୍ରମୁଖ ମଂଚାସିନ ଥିଲେ ପୂର୍ବରୁ ଅନୁଷ୍ଠିତ ହୋଇଥିବା କ୍ରୀଡା, ସାଂସ୍କୃତିକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା କୃତି ଛାତ୍ର ଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରାରମ୍ଭିକ ସଂଗୀତ ଝିମାଂଶୁ ସେଠୀ ଗାନ କରିଥିବା ବେଳେ ପ୍ରାରମ୍ଭିକ ନୃତ୍ୟ ପରିବେଷଣ ହୋଇଥିଲା । ଅତିଥି ପରିଚୟ ଓ ମଂଚ ପରିଚାଳନା କେ. ମିଥୁନ ସୁବୁଦ୍ଧି ଓ ଜୋଷ୍ନାରାଣୀ ଦିଘାଲ କରିଥିବା ବେଳେ ବାର୍ଷିକ ବିବରଣୀ ଏସ. ସାଲିଲୀ । ଆଚାରୀ ପଠନ କରିଥିଲେ । ବିଦ୍ୟାଳୟର ଗତ ବର୍ଷ ଦଶମରେ ନମ୍ବର ରାଖିଥିବା ବେଳେ ବିଦ୍ୟାଳୟର ୧୨ ଛାତ୍ର ଛାତ୍ରୀ ମୁଖ୍ୟ ମନ୍ତ୍ରୀ ପୁରସ୍କାର ପାଇ ଗର୍ବିତ ହୋଇଥିବା ଜଣାପଡିଛି । ମୁଖୁପୁର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ବେହେରାଙ୍କୁ ସମ୍ମାନୀତ କରାଯାଇଥିବା ବେଳେ ବିଦ୍ୟାଳୟ କ୍ରୀଡା ଶିକ୍ଷକ ଦେବାନନ୍ଦ ଅଧିକାରୀଙ୍କ ସମେତ ରଜନୀ କାନ୍ତ ସାହୁ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ । ସମସ୍ତ ଛାତ୍ରଛାତ୍ରୀ ଓ ପରିଚାଳନା କମିଟି ପ୍ରମୁଖ ଉପସ୍ଥିତ ଥିଲେ ।

ବିଚିତ୍ର ନୀତି ୬୦ବର୍ଷ ପରେ ବି ମିଳୁନି ବାର୍ଦ୍ଧକ୍ୟ ଭତା

ଗାଙ୍ଗୀ ଗୌଦ୍ୱାର, ୧୨/୦୨ (ଆ.ପ୍ର) : ସରକାର ବୟସ୍କ ବ୍ୟକ୍ତି ମାନଙ୍କ ପାଇଁ କିଛିନ୍ତୁ ଯୋଜନା ମାନ କରୁଛନ୍ତି ଗୋଲି ବାହାଘଟ ମାଗୁଥିବା ବେଳେ ଗୌଦ୍ୱାର ଗୌରାପାଳିକା ଅନ୍ତର୍ଗତ ୩ନଂ ୱାର୍ଡର ବିଚରାଣ୍ଡ ପ୍ରଧାନ ବୟସ ୬୪ ହୋଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ଭତା ପାଇପାରୁ ନାହାନ୍ତି ଅନ ଲାଇନରେ ଆବେଦନ କରି ସଙ୍ଗେ ସଙ୍ଗେ ଗୌଦ୍ୱାର ଗୌରାପାଳିକା ସହ ଯୋଗାଯୋଗ କରିଥିଲେ । ଗୌରାପାଳିକା ପକ୍ଷରୁ ତୁମ ଭତା ମିଳିଯିବ ବୋଲି ସାନ୍ତ୍ୱନା ମଧ୍ୟ ଦିଆଯାଇଥିଲା । କିନ୍ତୁ ବାର୍ଦ୍ଧ ୪ବର୍ଷ ହେବ ଗୌରାପାଳିକାକୁ ଭତା ପାଇବା ପାଇଁ ବୌଦ୍ଧି ବୌଡ଼ି, ଚପଲ ଘୋରି ହୋଇଗଲାଣି କିନ୍ତୁ ଜେଠି ଶୁଣିବାକୁ ନାରାଜ ପ୍ରତ୍ୟେକ ସରକାର ଖାଲି ମିଛରାଜ ମାନ ଭଳି ଗରିବମାନଙ୍କୁ ଭୁଆଁଦୁଲାଇଛନ୍ତି ବୋଲି ମରସା ଖେଳିଛି ସହ ରଣମାଧ୍ୟମ ଆଗରେ ପ୍ରକାଶ କରିଥିଲେ ।

ଭାରତ ବନ୍ଦ : ନିମାପଡା ଓ ଚାରିଛକ ବନ୍ଦ ସଫଳ

ନିମାପଡା, ୧୨/୦୨ (ଆ.ପ୍ର) : ଦଶଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ କୃଷକ ମୋର୍ଚ୍ଚା ଆହ୍ୱାନରେ ସାତ ଦଫା ଦାବୀ ନେଇ ଆଜି ନିମାପଡା ଓ ଚାରିଛକ ଭାରତ ବନ୍ଦ ସଫଳ ହୋଇଛି । ୪ ଟି ନୂତନ ଶ୍ରମ କୋଡ୍ ବାତିଲ କରିବା, ୨୦୨୫ ବିଦ୍ୟୁତ ବିଲ୍ ପ୍ରତ୍ୟାହାର କରିବା, କୃଷକ ମାନଙ୍କ ଉପରୁ ସମସ୍ତ କୃଷି ଋଣ ଛାଡ଼ କରିବା, ୩୦୦ ୟୁନିଟ ବିଦ୍ୟୁତ ବିଲ ଛାଡ଼ କରିବା ଧାନ ସମେତ କୃଷି ଜାତ ଦ୍ରବ୍ୟର ସ୍ୱାମୀନାଥନ କମିଶନ ଅଧାରରେ ଏମ ଏସ ପି ଆଇନ କରିବା ସ୍ମାର୍ଟ ମିଟର ଲଗାଇବା ବନ୍ଦ କରିବା ସ୍ୱାସ୍ଥ୍ୟ ସେବାର ଘରୋଇ କରଣ ବନ୍ଦ କରିବା ପ୍ରଭୃତି ସାତ ଦଫା ଦାବୀ ନେଇ ଭାରତ ବନ୍ଦ ଡାକରା ଦିଆ ଯାଇଥିଲା । ସିପିଆଇ, କଂଗ୍ରେସ ସହିତ ବିଜିନ୍ଦୁ ସଂଗଠନ ଏହାକୁ ସମର୍ଥନ କରିଥିଲେ । ଗାଡି ମୋଟର ଚଳାଚଳ ବନ୍ଦ ଥିବାବେଳେ ବ୍ୟବସାୟ ପ୍ରତିଷ୍ଠାନ ସବୁ ବନ୍ଦ ରହିଥିଲା ।

ପର୍ଲା ଶିଶୁମନ୍ଦିର ଛାତ୍ର ବୃତି ପରୀକ୍ଷାରେ ଉତୀର୍ଣ୍ଣ

ଧର୍ମଗଡ଼, ୧୨/୦୨ (ଆ.ପ୍ର) : ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ପର୍ଲା ଶିଶୁମନ୍ଦିର ଛାତ୍ର ନିଶ୍ଚନ୍ତ କୁମାର ମଣ୍ଡା ୩ୟ ଶ୍ରେଣୀ ସରକାରୀ ବୃତି ପରୀକ୍ଷାରେ କୃତିତ୍ୱ ହାସଲ କରି ବିଦ୍ୟାଳୟ ଯଥା ଅଂଚଳ ପାଇଁ ଖୁସି ଆଣି ଦେଇଛନ୍ତି । ନିଶ୍ଚନ୍ତ ଦେଉଛନ୍ତି ଗଡ଼ିଆଯୋର ଗ୍ରାମ ପଂଚାୟତ ଆମଗୁଡ଼ା ଗ୍ରାମର ଶ୍ୟାମସୁନ୍ଦର ମଣ୍ଡା ଓ ପ୍ରିୟା ମଣ୍ଡାଙ୍କ ସୁଯୋଗ୍ୟ ସନ୍ତାନ । କୃତିତ୍ୱକୁ ନେଇ ବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଧାନ ଗୋପାଳ ଏବଂ ଆଚାର୍ଯ୍ୟା ସପ୍ତିତା ଦାସ, ବୀଣାପାଣି ବାରିକ, ଲବଣି ମଣ୍ଡା, ବର୍ଷା ବାରିକ, ପରିଚାଳନା ସଭାପତି ଦୁର୍ଜିଶେଖ ସାହୁ, ଉପସଭାପତି ଯେତ୍ରରାମ ମେହେର, ସଂପାଦକ ତାରିଣୀ ଦାସ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ଦାସ ଖୁସି ବ୍ୟକ୍ତି କରିବା ସହ ନିଶ୍ଚନ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଏହି ସଫଳତା ପାଇଁ ଛାତ୍ର କିଛିନ୍ତୁ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ଏ ନେଇ ତାଙ୍କର ପିତା ମାତା, ପରିବାର ବର୍ଗ ଓ ବନ୍ଧୁ ପରିଜନ ମାନେ ଖୁସି ବ୍ୟକ୍ତି ପ୍ରକାଶ କରିଛନ୍ତି ।

ଗଜପତିରେ ନାବାଳିକାଙ୍କୁ ଦୁଷ୍କର୍ମ ମାମଲା ଉଭୟ ପୀଡିତା ଓ ଦୋଷୀଙ୍କ ବୟାନ ରେକର୍ଡ

ପାରଳାଖେମୁଣ୍ଡି, ୧୨/୦୨ (ଆ.ପ୍ର) : ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ଚତୁର୍ଗିରି ଠାରେ ଜଣେ ଦିବତୀୟନ ନାବାଳିକାଙ୍କୁ ଜଣେ ୧୭ ବର୍ଷର ନାବାଳକ ଦୁଷ୍କର୍ମ କରିଥିଲା । ଘଟଣାରୁ ପ୍ରକାଶ ଉକ୍ତ ବାଳକକୁ ପରିବାର ପରିବାର ପୋଷ୍ୟ ପୁତ୍ର ରୂପେ ପାଳି ଥିଲେ । ବାପାମା ନଥିବା ବେଳେ ସୁଯୋଗ ଦେଖି ଉକ୍ତ ନାବାଳିକାଙ୍କୁ ସେ ଦୁଷ୍କର୍ମ କରିଥିଲା । ପରେ ବାପା ମା ଚତୁର୍ଗିରି ଆଉଟ ପୋଷ୍ଟରେ ଅଭିଯୋଗ କରିଥିଲେ । ଗତ ୮ ତାରିଖରେ ସ୍ଥାନୀୟ ଥାନାରେ ଏତଲା ଦିଆଯାଇଥିଲା । ଉଭୟ ପୀଡିତା ଓ ଦୋଷୀ ନାବାଳିକାଙ୍କର ଡାକ୍ତରୀଆଜନା କରାଯିବା ସହ ସେମାନଙ୍କର ବୟାନ ରେକର୍ଡ କରାଯାଇଥିଲା । ପରେ ସେ ପୀଡିତା କନ୍ୟାଙ୍କୁ ଡାଗ ବାପାମାଆଙ୍କୁ ହସ୍ତାନ୍ତର କରାଯାଇଥିଲା । ଦୋଷୀଙ୍କୁ ବ୍ରହ୍ମପୁର ବୃଧାର ହୋମକୁ ପଠାଯାଇଛି । ଏହି ବିଷୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି ।

କୁଡୁମୀ ଶିକ୍ଷକ ମଂଚର ବନ୍ଧୁମିଳନ

ଶୁଭିଆପଡା, ୧୨/୦୨ (ଆ.ପ୍ର) : କୁଡୁମୀ ଶିକ୍ଷକ ମଂଚ, ଓଡିଶାର ବନ୍ଧୁ ମିଳନ ଶୁଭିଆପଡା ବ୍ଲକର ଫାଜିଆ ନିକଟସ୍ଥ ହାର୍ମନିଆଣ୍ଡ ରିସୋର୍ଟ ଏଣ୍ଡ ଫରେଷ୍ଟ ପାର୍କଠାରେ ଅନୁଷ୍ଠିତ ହୋଇଥିଲା । ବନ୍ଧୁମିଳନ ଅବସରରେ ଅନୁଷ୍ଠିତ ବୈଠକରେ ସଂଗଠନର ରାଜ୍ୟ ସଭାପତି ଶିତଳାଲ ମହାନ୍ତ ସଭାପତିତ୍ୱ କରିଥିଲେ । ମଂଚର ରାଜ୍ୟ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସଂପାଦକ ଶରତ କୁମାର ମହାନ୍ତ, ପୂର୍ବତନ ମହାନ୍ତ, ବାପି କୁମାର ମହାନ୍ତ, ରାଜକିଶୋର ମହାନ୍ତ, ଶିଶିର କୁମାର ମହାନ୍ତ, ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତ, ଅଶ୍ୱିନୀ କୁମାର ମହାନ୍ତ ଓ ଭପରେଷ୍ଟା ଛୋଟୋଲାଲ ମହାନ୍ତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ କମିଟିରେ ନୂତନ ଭାବେ ମୟୂରଭଞ୍ଜ ଜିଲ୍ଲା ସଭାପତି ଭାବେ ଲକ୍ଷ୍ମଣ ମହନ୍ତ, ସଂପାଦକ ଭାବେ ଅଧ୍ୟାପକ ଯୋଗେଶ୍ୱର ମହାନ୍ତ, ସହସଂପାଦକ ଭାବେ କେଶବ ମହାନ୍ତ ଓ ଭପରେଷ୍ଟା ଭାବେ ସାମନ୍ତସିଂହାର ମହାନ୍ତଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା ।

ନୂଆପଡ଼ାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ପାଇଁ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ

ନୂଆପଡ଼ା, ୧୨/୦୨ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ସଶକ୍ତିକରଣ କେନ୍ଦ୍ର ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗ, ନୂଆପଡ଼ା ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ସଭାଗୃହରେ ଅନ୍ତର୍ଜାତୀୟ ମହିଳା ଦିବସ– ୨୦୨୬ ପାଳନ ପାଇଁ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏସ୍ ଗୀତା ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ରଖିଥିଲେ । ଜିଲ୍ଲାପାଳ ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ଉଦ୍ଦେଶ୍ୟ ଓ ମହିଳାଙ୍କ ଅଧିକାର ସୁରକ୍ଷାରେ ପ୍ରଶାସନ ଓ ସମାଜର ଭୂମିକା ସମ୍ପର୍କରେ ଆଲୋଚନାପାତ କରିଥିଲେ । ଏବର୍ଷ ପ୍ରଥମଥର ପାଇଁ ସମସ୍ତ ଆଶା, ଅଙ୍ଗନୱାଡ଼ି କର୍ମୀ, ଗ୍ରାମ ସ୍ତର କର୍ମଚାରୀ, ନିର୍ବାଚିତ ଜନ ପ୍ରତିନିଧିମାନଙ୍କୁ ସାମିଲ କରି ସମସ୍ତ ଗ୍ରାମ, ପଂଚାୟତ, ବ୍ଲକ୍ ଓ ଏନ୍.ଏସି ସ୍ତରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥାସହ ଜିଲ୍ଲାସ୍ତରରେ ଉପ-ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ସାମାଜିକ କ୍ଷେତ୍ରରେ ଲବ୍ଧକ୍ଷ କାର୍ଯ୍ୟ କରିଥିବା ମହିଳାମାନଙ୍କୁ ଚୟନ କରି ଆସନ୍ତା ୮ ମାର୍ଚ୍ଚ ତାରିଖରେ ଜିଲ୍ଲା ସ୍ତରୀୟ ସମାରୋହରେ ସେମାନଙ୍କୁ ସମ୍ମାନିତ କରିବାକୁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ମହିଳାମାନଙ୍କ ମଧ୍ୟରେ କ୍ରୀଡ଼ାସତେଜନା ବୃଦ୍ଧି ପାଇଁ ମହିଳା ଡବଲ୍ ବ୍ୟାଡମ

ଦୈନିକ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୧୩ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

କଳାହାଣ୍ଡି ଜିଲ୍ଲା ଯୁବ ବିଜେଡି ସଭାପତି ହେଲେ ଅବିନାଶ ଠାକୁର

ଭବାନୀପାଟଣା, ୧୨/୦୨ (ଆ.ପ୍ର) : ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଆଜି କଳାହାଣ୍ଡି ଜିଲ୍ଲା ଯୁବ ବିଜେଡି ସଭାପତି ଭାବରେ ପଶ୍ଚିମ ଓଡ଼ିଶାର ଜଣେ ଚର୍ଚ୍ଚିତ ଛାତ୍ର ନେତା ତଥା ପୂର୍ବତନ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସଦସ୍ୟ ଅବିନାଶ ଠାକୁରଙ୍କୁ ନିଯୁକ୍ତି ଦିଆଯାଇଛି । ଜଣେ ସୁବକ୍ତା ଭାବରେ ପରିଚିତ ଅବିନାଶ କଲେଜ ସମୟରୁ ନେତୃତ୍ୱ ନେଇ ଆସୁଛନ୍ତି । ୨୦୦୮-୯ ମସିହାରେ ସେ ଭବାନୀପାଟଣା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ସଂସଦ ସଭାପତି ନିର୍ବାଚିତ ହୋଇଥିଲେ । ପରେ ବିଜେଡିରେ ସାମିଲ ହୋଇ ବିଜୁ ଛାତ୍ର ଜନତା ଦଳର ଲୋକାଚାର ୩ଥର ଜିଲ୍ଲା ସଭାପତି ହେବାପରେ ରାଜ୍ୟ ସାଧାରଣ ସମ୍ପାଦକ ହୋଇଥିଲେ । ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ତାଙ୍କୁ ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ପଦବୀ ଦିଆଯାଇଥିଲା । ସେ ପଶ୍ଚିମ ଓଡ଼ିଶାର ଛାତ୍ର ନେତୃତ୍ୱ ନେତା ସହ ଦଳର ବିଭିନ୍ନ ପଦ ପଦବୀରେ ରହିଆସୁଥିଲେ । ଏପରିକି ବିଜେଡି ସରକାର ସମୟରେ ତାଙ୍କ ଦଳ ପ୍ରତି ଆନୁଗତ୍ୟ ଓ ବଳିଷ୍ଠ ନେତୃତ୍ୱ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବିଶେଷଜ୍ଞ ସଦସ୍ୟ ଭାବରେ ନିଯୁକ୍ତି ମିଳିଥିଲା । ପୂର୍ବରୁ ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ ୨ଥର ଜିଲ୍ଲା ଯୁବ ବିଜେଡି ସଭାପତି ଦାୟିତ୍ୱ ତୁଲାଇଥିଲେ । ଏଥର ଦଳ ଅବିନାଶ ଭଳି ଜଣେ ଯୁବ ନେତେଇଲାଙ୍କୁ ଜିଲ୍ଲା ଯୁବ ବିଜେଡି ସଭାପତି ନିଯୁକ୍ତି ଦେଇ ଏକ ଭିନ୍ନ ବାର୍ତ୍ତା ଦେଇଛି । ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ନବୀନଯୁକ୍ତ କଳାହାଣ୍ଡି ଜିଲ୍ଲା ଯୁବ ସଭାପତି ଅବିନାଶ ଠାକୁରଙ୍କ ପାଖକୁ ଶୁଭେଚ୍ଛାର ସ୍ରୋତ ଛୁଟୁଛି ।

ସେଂଚୁରିଆନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚତୁର୍ଥ ଉତ୍କଳ କୃଷି ମେଳା ୨୦୨୬ ଉଦଘାଟିତ

ପାରଳାଖେମୁଣ୍ଡି, ୧୨/୦୨ (ଆ.ପ୍ର) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଉପକଣ୍ଠରେ ଥିବା ସେଂଚୁରିଆନ ବିଶ୍ୱବିଦ୍ୟାଳୟ ପରିସରରେ ଦୁଇ ଦିନିଆ ଉତ୍କଳ କୃଷି ମେଳାର ଚତୁର୍ଥ ସଂସ୍କରଣର ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ମାନ୍ୟବର ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଏବଂ ଏସ୍‌ଏସ୍‌ଏମ୍‌ର ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ପାରଳାଖେମୁଣ୍ଡିର ବିଧାୟକ ଲମ୍ବୋଦର ରାଉତ ପାଣିଗ୍ରାହୀ, ଗଜପତି ଜିଲ୍ଲା ପରିଷଦ ସଭାପତି ଜି.ତିରୁପତି ରାଓ ଯୋଗ ଦେଇଥିଲେ । ଉଦଘାଟନୀ ଉତ୍ସବ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ, ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ପରିବେଷଣ ଏବଂ ସୁଶ୍ରୀ ତାପସୀ ଜରଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ ସହିତ ଆରମ୍ଭ ହୋଇଥିଲା । ଉଦଘାଟନୀ ଉତ୍ସବରେ ବିଶ୍ୱବିଦ୍ୟାଳୟ ର ପ୍ରୋ-ଭାଇସ-ଚାନ୍ସେଲର ପ୍ରଫେସର ଡ. ଅଜୟ କୁମାର ନାୟକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ଏଡ୍ ସହିତ କୃଷିମେଳାରେ ଉପସ୍ଥିତ ସମସ୍ତ ଚାଷୀ ଭାଇଭଉଣୀ ମାନଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ଲାଭାନ୍ୱିତ ହେବାପାଇଁ ପ୍ରେରିତ କରିଥିଲେ । ବିଧାୟକ, ପାରଳାଖେମୁଣ୍ଡି ଦକ୍ଷିଣ ଓଡ଼ିଶାର ମେରୁଦଣ୍ଡ କୃଷିକୁ ସଂଗଠିତ କରିବାରେ ଚାଷୀମାନଙ୍କର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଫସଲ ଉତ୍ପାଦନ ବୃଦ୍ଧି ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଜଳବାୟୁ ସ୍ମାର୍ଟ କୃଷି ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ପରିଷଦ ସଭାପତି, କୃଷକ ସମାଜକୁ ସଶକ୍ତ କରିବାରେ ସେଂଚୁରିଆନ ବିଶ୍ୱବିଦ୍ୟାଳୟର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ବିଶ୍ୱବିଦ୍ୟାଳୟର ମୁଖ୍ୟ ଉଦ୍ଦେଶ୍ୟ । ସମସ୍ତ ସମ୍ମାନିତ ଅତିଥିମାନେ ପ୍ରଥମ ସୂକ୍ଷ୍ମ ପ୍ରବର୍ତ୍ତନୀ - ୨୦୨୬ ଉଦଘାଟନ କରିଥିଲେ ଏବଂ ବିଭିନ୍ନ ଗଛର ଫୁଲ ବ୍ୟବହାର କରି ବିଭିନ୍ନ ସାଜସଜ୍ଜା କରିବାରେ ଛାତ୍ର ଛାତ୍ରୀ ମାନଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନେକ ପ୍ରତିଷ୍ଠିତ ପ୍ରତିଷ୍ଠାନ, ଏନଜିଓ, ଏଫପିଓ, ଛାତ୍ରଛାତ୍ରୀ ଏବଂ ବିଭିନ୍ନ ସରକାରୀ ବିଭାଗର ଗବେଷକ ଏବଂ ବୈଜ୍ଞାନିକମାନେ ଉପସ୍ଥିତ ଥିଲେଓ କୃଷି ଏବଂ ଆନୁଷଙ୍ଗିକ ଉତ୍ପାଦ ପ୍ରଦର୍ଶନ ପାଇଁ ୭୦ ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଭାଷଣ ପ୍ରଦାନ କରାଯାଇଥିଲା ସେଇଥିରେ ସେମାନେ ସ୍ଥାୟୀ କୃଷି ଏବଂ କୃଷକ-ଷ୍ଟେକ୍ସିନ ଗବେଷଣା ପ୍ରତି ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ ଏବଂ ପରେ ପ୍ରଗତିଶୀଳ ଚାଷୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ ଓ ସେଂଚୁରିଆନ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଡ. ଅନିତା ପାତ୍ରଙ୍କ ଧନ୍ୟବାଦ ଅର୍ପଣ କରିଥିଲେ । ଚତୁର୍ଥ ଉତ୍କଳ କୃଷି ମେଳା, ବିଜ୍ଞାନ ଏବଂ ଚାଷଜମି ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ଏକ ଜୀବନ୍ତ ମଂଚ ଭାବରେ କାର୍ଯ୍ୟ କରିଥିଲା, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ କୃଷକଙ୍କ ଜୀବିକା ଉନ୍ନତ କରିବା ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା । ସେଂଚୁରିଆନ ବିଶ୍ୱବିଦ୍ୟାଳୟର ଗ୍ରାମୀଣ ପରିବର୍ତ୍ତନ ଏବଂ ସ୍ଥାୟୀ କୃଷି ପ୍ରତି ପ୍ରତିବଦ୍ଧତା ଦିନସାରା ପ୍ରତିଫଳିତ ହୋଇଥିଲା, ଯାହା କୃଷି ମେଳାକୁ ସାମୁଦାୟିକ ସଂଯୋଗ ଏବଂ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥିଲା ।

ବାପାଙ୍କର ଦୃଘଟଣାରେ ମୃତ୍ୟୁ ଘଟିଥିବାରୁ ଦେଢ଼ ବର୍ଷର ଶିଶୁ କନ୍ୟା ଭବିଷ୍ୟୋତ ଅନ୍ଧାରରେ

ଖୋର୍ଦ୍ଧା, ୧୨/୦୨ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡମାଣ୍ଡି ଗ୍ରାମର ରବିନ୍ଦ୍ର ବିଶ୍ୱାଳ ଙ୍କର ୨୪ ବର୍ଷର ପୁଅ ଚନ୍ଦ୍ରଶେଖର ବିଶ୍ୱାଳଙ୍କର ଏକ ସଡ଼କ ଦୃଘଟଣାରେ ମୃତ୍ୟୁ ଘଟିଛି । ଚନ୍ଦ୍ରଶେଖର ବିଶ୍ୱାଳ ନିଜ ପରିବାରର ପେଟ ପାଟଣା ପାଇଁ ଜାମ ଧନ୍ଧା ସାରି ଖୋର୍ଦ୍ଧାରୁ ଗଡମାଣ୍ଡି ନିଜ ଘରକୁ ଫେରୁଥିବା ବେଳେ ଡାଳଡୋଳା ଓ ପଣ୍ଡିଛଡ଼ ମଧ୍ୟରେ ଏକ ଭାରି ଚାରିଚକିଆ ଯାନ (ଆଇଚର) ପଛିଛଡ଼ ଆଡୁ ଦ୍ରୁତ ଗତିରେ ଆସୁଥିଲା । ଚନ୍ଦ୍ରଶେଖର ବିଶ୍ୱାଳ ଏକ ମୋଟର ବାଇକ୍‌ରେ ଆସୁଥିବା ବେଳେ ପଛିଛଡ଼ ଆଡୁ ଦ୍ରୁତ ଗତିରେ ଆସୁଥିବା ଆଇଚର୍ ଗାଡ଼ିଟି ବାଇକ୍‌ଟିକୁ ଧକ୍କା ଦେଇ ଖସିଯିବା ସମୟରେ ସ୍ଥାନୀୟ ଲୋକେ ଆଇଚର୍ ଗାଡ଼ି ଚାଳକକୁ କାବୁ କରି ନେଇଥିଲେ । ଆହତ ଚନ୍ଦ୍ରଶେଖର ବିଶ୍ୱାଳଙ୍କୁ ଗୁରୁତର ଆହତ ଅବସ୍ଥାରେ ସଙ୍ଗେ ସଙ୍ଗେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇ ଥିଲେ । ସେଠାରେ ଚନ୍ଦ୍ରଶେଖରଙ୍କର ସ୍ୱାସ୍ଥ୍ୟ ସଙ୍କଟାପୂର୍ଣ୍ଣ ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍‌କୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ପରେ ମୃତ ଶରୀରକୁ ଡାକ୍ତର ବେଡଇଡେ ଜରି ଘରକୁ ପଠାଇ ଦେଇଥିଲେ । ଚନ୍ଦ୍ରଶେଖରଙ୍କର ମୃତ ଶରୀର ଏକ ଆମ୍ବୁଲାନ୍ସ ଯୋଗେ ତାଙ୍କ ଗାଁ ରେ ପହଂଚି ଥିଲା । ଗ୍ରାମ ବାସୀ ଓ ଚନ୍ଦ୍ରଶେଖରଙ୍କର ବାପା, ମା, ନ୍ୟାୟ ପାଇବା ଆଶାରେ ରାସ୍ତା ଉପରେ ବସି ରାସ୍ତା ଅବରୋଧ କରିଥିଲେ । ସ୍ଥାନୀୟ ତହସିଲଦାର ଓ ଥାନା ଅଧିକାରୀ ପହଂଚି ପରିବାର ଲୋକଙ୍କ ସମେତ ଗ୍ରାମବାସୀଙ୍କୁ ବୁଝା ସୁଝା କରିବାରୁ ରାସ୍ତା ଅବରୋଧ ହଟି ଥିଲା । କିନ୍ତୁ ପରିବାର ଲୋକେ ଓ ମୃତଙ୍କର ସ୍ତ୍ରୀ ଲକ୍ଷ୍ମୀପ୍ରିୟା ପ୍ରଧାନ ସରକାରଙ୍କୁ ନିକଟ ଦାବି ଜଣାଇଛନ୍ତି । ମୃତକ ଚନ୍ଦ୍ରଶେଖର ଛାଡି ଯାଇଥିବା ନିଜର ଦେଢ଼ ବର୍ଷର ଶିଶୁ କନ୍ୟା ନିଜ ସ୍ତ୍ରୀ ଓ ବୃଦ୍ଧ ବାପା ମା କିପରି ଚଳିବେ ଓ ଦେଢ଼ ବର୍ଷର ଝିଅର ଭବିଷ୍ୟତ କଣ ହେବ । ତାକୁ ଆଖି ଆଗରେ ରଖି ମୃତଙ୍କର ପରିବାରକୁ ଆର୍ଥିକ ସାହାଯ୍ୟ ସହିତ ସମସ୍ତ ପ୍ରକାରର ସରକାରୀ ସୁବିଧା ଯୋଗାଇ ଦିଆଯାଉ ।

ବନ୍ଦ ପାଳନରେ ଭୁବନ ସାମିଲ

ଭୁବନ, ୧୨/୦୨ (ଆ.ପ୍ର) : ଶ୍ରମ ଆଇନ ସଂଶୋଧନ, ଅତ୍ୟାବଶ୍ୟକ ଦ୍ରବ୍ୟର ଦରଦାମ୍ ବୃଦ୍ଧି, ଜମି ଅଧିଗ୍ରହଣ ବିଲ ବାତିଲ କରିବା ସହ ରାଷ୍ଟ୍ରୟତ ସଂସ୍ଥାରୁ ପୁଞ୍ଜି ପ୍ରତ୍ୟାହାର ଓ ବ୍ୟାଙ୍କ, ବୀମା, ପୁଡିଶାଖା ରେଳ ବିଭାଗରେ ବିଦେଶୀ ପୁଞ୍ଜି ନିବେଶ ବନ୍ଦ କରିବା ଆଦି ଦାବି ନେଇ ମିଳିତ ଟ୍ରେଡ ୟୁନିଅନ ପକ୍ଷରୁ ଆଜି ଭାରତ ବନ୍ଦ ଡାକରା କୁ ଭୁବନ କଂଗ୍ରେସ ପକ୍ଷରୁ ପୂର୍ଣ୍ଣ ସମର୍ଥନ କରାଯାଇଛି । ଏହି ସାଧାରଣ ଧର୍ମଘଟକୁ ସମର୍ଥନ କରିବାକୁ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛନ୍ତି ବ୍ଲକ ସଭାପତି ବ୍ରହ୍ମାନନ୍ଦ କୁଣ୍ଡିର । ଜାତୀୟ ରାଜପଥ ୫୩ ପଳଶରିଠିଠାରେ କଂଗ୍ରେସ ପକ୍ଷରୁ ଷ୍ଟଲ କରାଯାଇଛି । ସହରରେ ଦୋକାନ ବଜାର ଖୋଲା ଥିବା ବେଳେ ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି । ସହରରେ ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି । କଂଗ୍ରେସ କର୍ମୀ ନାଗାବାଡି କରି ରାସ୍ତା ରୋକ କରିଥିଲେ । ବିଧାୟକ ପ୍ରାଣୀ ବିଜୁବର ସାହୁଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ସଭାପତି ଶ୍ରୀ କୁଣ୍ଡିରଙ୍କଙ୍କ ନେତୃତ୍ୱରେ ବଳୁକ ବନ୍ଦ ପାଳନ ହୋଇଛି ।

ଖଣ୍ଡପଡ଼ା ଅଂଚଳରେ ଓଡିଶା ବନ୍ଦର ପ୍ରଭାବ, ଯାନବାହନ ଚଳାଚଳ ବନ୍ଦ, ଯାତାୟତ ବାଧାପ୍ରାପ୍ତ

ଖଣ୍ଡପଡା, ୧୨/୦୨ (ଆ.ପ୍ର) : ବେଶର ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଗୁରୁବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା ବେଳେ ଏହାର ପ୍ରଭାବ ଖଣ୍ଡପଡ଼ା ଅଂଚଳରେ ପରିଲକ୍ଷିତ ହୋଇଥିଲା । ବନ୍ଦ ଡାକରା ପ୍ରଭାବରେ ଯାନବାହନ ଚଳାଚଳ ସଂପୂର୍ଣ୍ଣ ଭାବେ ବନ୍ଦ ରହିଥିଲା । ଫଳରେ ବିଭିନ୍ନ ସ୍ଥାନକୁ ଯାତାୟତ ନିମନ୍ତେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଥିଲେ । କେନ୍ଦ୍ର ସରକାର ନୂତନ କରି ଲାଗୁ କରିଥିବା ଶ୍ରମ ଆଇନ, କୃଷକ ଆଇନ, ମନରେଗା ଆଇନ ସମେତ ଅନ୍ୟ ଆଇନକୁ ତୀବ୍ର ବିରୋଧ କରି ବେଶର ୧୦ ଟି ପ୍ରମୁଖ ଶ୍ରମିକ ସଂଗଠନ ସମେତ କଂଗ୍ରେସ ଓ ଅନ୍ୟାନ୍ୟ ରାଜନୈତିକ ଦଳ ଏହି ଭାରତ ବନ୍ଦ ଡାକରାକୁ ସମର୍ଥନ ଜଣାଇଥିଲେ । ବିଭିନ୍ନ ଶ୍ରମିକ ସଂଗଠନର ସଦସ୍ୟମାନେ ରାଜରାସ୍ତାକୁ ଓହ୍ଲାଇ ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ବିରୋଧ ପ୍ରଦର୍ଶନ କରିବାର ସହ ଦିନ ତମାମ ଅନ୍ୟ କେତେକ ସ୍ଥାନରେ ହରତାଳ କରିଥିବା ଜଣାପଡିଛି । ସେହିପରି ପ୍ରତ୍ୟେକ ଧାନମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ସହ ଚାଷୀଙ୍କୁ ଶୋଷଣ କରିବା, ଦୁଦୁଗଣ୍ଡ ନାମରେ ଜନସାଧାରଣଙ୍କୁ ହଇରାଣ କରିବା ଆଦି କିଛି ପ୍ରସଙ୍ଗକୁ ନେଇ ଚାଷୀ ସଂଗଠନ ଓ ସାଧାରଣ ଜନତା ଭାରତ ବନ୍ଦ ଡାକରାକୁ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଥିବା ନଜରକୁ ଆସିଥିଲା । ମୋଟାମୋଟି ଭାବେ ଶ୍ରମିକ ସଂଗଠନର ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଶାଖା ଓ ଏକାଧିକ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ବନ୍ଦ ରହିଥିଲା ।

ଜି.ଉଦୟଗିରିରେ ଭାରତ ବନ୍ଦ ସଫଳ

ଜି.ଉଦୟଗିରି, ୧୨/୦୨ (ଆପ୍ର) କେନ୍ଦ୍ର ସରକାରଙ୍କ କୃଷକ, ଶ୍ରମିକ ତଥା ସାଧାରଣ ଜନତାଙ୍କ ସ୍ୱାର୍ଥ ହାନି ଶାସନ ବିରୋଧରେ ଭାରତୀୟ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ବିଭିନ୍ନ କୃଷକ ସଂଗଠନ ତରଫରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାର ପ୍ରଭାବ ଜି. ଉଦୟଗିରି ଠାରେ ଦେଖିବାକୁ ମିଳିଛି । ଏହି ବନ୍ଦ ପାଳନ ଡାକରାକୁ ସ୍ଥାନୀୟ ଅଂଚଳର ବିଭିନ୍ନ ସଂଗଠନ ସମର୍ଥନ କରିଥିବା ବେଳେ କଂଗ୍ରେସ ଦଳ ତରଫରୁ ଜୋରଦାର ବିରୋଧ କରାଯାଇଥିଲା । ଦଳୟ କର୍ମକର୍ତ୍ତା ମାନେ ସକାଳୁ ବିଭିନ୍ନ ସ୍ଥାନରେ ବୋଳାନ ବଜାର ସ୍କୁଲ କଲେଜ ବ୍ୟାଙ୍କ, ତହସିଲ, ଏନଏସି, ବ୍ଲକ କାର୍ଯ୍ୟାଳୟ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ ଗୁଡିକୁ ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ । ଏହି କ୍ରମରେ ସ୍ଥାନୀୟ ନଗର କଂଗ୍ରେସ ସଭାପତି ସୁରୁମନ୍ୟମ ନାୟକ, ବିଧାୟକ ପ୍ରତିନିଧି ମଧୁଲିତା ଦିଗାଲ, ଭାଇନସିରର ଯାଦେଶ ପ୍ରଧାନ, ଫିରୋଜ ଦିଗାଲ ସମେତ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ । ବନ୍ଦ ବେଳେ ଜରୁରୀ ସେବା ବ୍ୟତୀତ ସମସ୍ତ ଯାନବାହନ ବନ୍ଦ ରହିଥିଲା ଯାତ୍ରୀମାନେ ଯାତ୍ରୀ ମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସ୍ଥାନୀୟ ପୋଲିସ ପ୍ରଶାସନ ତରଫରୁ ସହରର ବିଭିନ୍ନ ସ୍ଥାନରେ ପୋଲିସ ବାହିନୀ ଉପସ୍ଥିତ ରହି ଆଇନ ଶୃଙ୍ଖଳା ତତ୍ୱାବଧାନ କରିଥିଲେ ।

୧୧ଟି କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ବେବେ ୧୫୬୯ ପରୀକ୍ଷାର୍ଥୀ

ଖଣ୍ଡପଡ଼ା, ୧୨/୦୨ (ଆ.ପ୍ର) : ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆସନ୍ତା ୧୯ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ଶେଷ ହେବ । ପରୀକ୍ଷା ପରିଚାଳନା ପାଇଁ ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପ୍ରସ୍ତୁତିପର୍ବ ତୃତୀୟ ପର୍ଯ୍ୟାୟରେ ପହଂଚିଥିବା ବେଳେ ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରୁ ନୋଡାଲ କେନ୍ଦ୍ର କରାଯାଇଛି । ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ର ଅଧୀନରେ ୧୧ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ଆଂଚଳିକ ଉଚ୍ଚ ବିଦ୍ୟାଳୟ ସୋନାଳା କେନ୍ଦ୍ରରେ ୯୭, ବନମାଳୀପୁର ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୩୬, ବନମାଳୀପୁର ଉଚ୍ଚ ବିଦ୍ୟାଳୟରେ ୧୬୦, ଗୋକୁଳାନନ୍ଦଜାଲ ଉଚ୍ଚବିଦ୍ୟାଳୟ କେନ୍ଦ୍ରରେ ୧୫୮, କଂଗିରୋ କୃଷ୍ଣ ବିହାରୀ ବାଲିଲା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୨୪, ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟ ଖଲିସାହି କେନ୍ଦ୍ରରେ ୧୧୩, ନନ୍ଦମାଧବ ଉଚ୍ଚ ବିଦ୍ୟାଳୟ ଜଂଗିରୋ କେନ୍ଦ୍ରରେ ୧୨୬, ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ରରେ ୨୦୦, ରାମଚନ୍ଦ୍ରା ଉଚ୍ଚ ବିଦ୍ୟାଳୟ ନଟବରପୁରାଶାହନ କେନ୍ଦ୍ରରେ ୧୫୦, ଶିଖରପୁର ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୭୬, ତନ୍ତୁବାୟ ସମବାୟ ଉଚ୍ଚ ବିଦ୍ୟାଳୟ ବାଲୁଗୁଣ୍ଡି କେନ୍ଦ୍ରରେ ୧୨୬ ଜଣ ଏହିପରି ସର୍ବମୋଟ ୧୫୬୯ ଜଣ ପରିକ୍ଷାର୍ଥୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବେ ବୋଲି ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ରର ପ୍ରଧାନଶିକ୍ଷୟିତ୍ରୀ ତଥା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଲିଖା ନନ୍ଦଙ୍କ ଠାରୁ ପ୍ରକାଶ ।

ପୋଖରୀରୁ ମିଳିଲା ନିଖୋଜ ବ୍ୟକ୍ତିଙ୍କ ମୃତ ଦେହ



ଦଣ୍ଡପଲ୍ଲୀ, ୧୨/୦୨ (ଆ.ପ୍ର) : ଦଣ୍ଡପଲ୍ଲୀ ଥାନା ଅନ୍ତର୍ଗତ ବାଟେଶି ଗ୍ରାମରୁ ନିଖୋଜ ରବିନ୍ଦ୍ର ପ୍ରଧାନଙ୍କ ମୃତ ଦେହ ଗୁରୁବାର ଦିନ ଗାଁ ପୋଖରୀରୁ ଉଦ୍ଧାର ହୋଇଛି । ୮ ତାରିଖ ଦିନ ଠାରୁ ରବିନ୍ଦ୍ର ନିଖୋଜ ଥିଲେ । ସେହି ଦିନ ଠାରୁ ବନ୍ଧୁ ବାନ୍ଧବ ଓ ଆତ୍ମୀୟ ସ୍ୱଜନଙ୍କ ସମେତ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ରହିଥିଲା । ଆଜି କିଛି ଲୋକ ପୋଖରୀରେ ଶବ ଭାସୁଥିବାର ଦେଖି ପୋଲିସକୁ ଖବର ଦେଇଥିଲେ । ପୋଲିସ ଓ ଦମକଳବାହିନୀ ଘଟଣା ସ୍ଥଳରେ ପହଂଚି ଶବ ଉଦ୍ଧାର କରିଥିଲେ । ଘଟଣାର ତଦନ୍ତ ଜାରି ରହିବା ସହିତ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା ।

ଆଚାର୍ଯ୍ୟ ହରିହର ଜୟନ୍ତୀ ପାଳିତ

ପୁରୀ, ୧୨/୦୨

ଦୈନିକ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୧୩ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ନାମିବ୍ୟାକୁ ୯୩ ରନ୍‌ରେ ପରାସ୍ତ କଲା ଭାରତ

ନୂଆଦିଲ୍ଲୀ, ୧୨/୨(ନ୍ୟୁ.ଏ): ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଦ୍ୱାରା ପରିଚାଳିତ ଟ୍ୱେଣ୍ଟି୨୦ ପୁରୁଷ ବିଶ୍ୱକପ୍-୨୦୨୬ରେ ଭାରତ ନିଜର ଦ୍ୱିତୀୟ ମ୍ୟାଚ୍‌ରେ ଗୁରୁବାର ଦମଦାର ପ୍ରଦର୍ଶନ କରିଛି । ସ୍ଥାନୀୟ ଅରୁଣ ଜେଟ୍‌ଲି ଷ୍ଟାଡିୟମରେ ସୂର୍ଯ୍ୟକୁମାରଙ୍କ ବାହିନୀ ଭଲରେ ବ୍ୟାଟିଂ ଏବଂ ବୋଲିଂରେ ନିଜର ଦକ୍ଷତା ଦେଖାଇଛି ଏବଂ ନାମିବ୍ୟା ବିପକ୍ଷରେ ୯୩ ରନ୍‌ରେ ବିଜୟ ହାସଲ କରିଛି । ୨୧୦ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ନାମିବ୍ୟା ୧୮.୨ ଓଭରରେ ୧୧୬ ରନ୍ ସଂଗ୍ରହ କରିଛି । ଭାରତର ବରୁଣ ଚକ୍ରବର୍ତ୍ତୀ ୨ ଓଭର ବୋଲିଂ କରିଥିଲେ । ସେ ୭ରନ୍ ଖର୍ଚ୍ଚ କରି ୩ଟି ଉଇକେଟ୍ ନେଇଥିଲେ । ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଅକ୍ଷର ପଟେଲଙ୍କୁ ୨ଟି କେଣ୍ଡାଏଁ ଉଇକେଟ୍ ମିଳିଥିଲା । ଏହି ମ୍ୟାଚ୍‌ରେ ନାମିବ୍ୟା ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ଏବଂ ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଭାରତୀୟ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦୯ ରନ୍ କରିଥିଲା । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଭାରତ ପାଇଁ ଆଜି ଟି-୨୦ ବିଶ୍ୱକପରେ ପଦାର୍ପଣ କରିଛନ୍ତି ସଞ୍ଜୁ ସାମସନ । ଅଭିଷେକ ଶର୍ମାଙ୍କ ଅସୁସ୍ଥତା କାରଣରୁ ମ୍ୟାଚ୍ ଖେଳିବାକୁ ସୁଯୋଗ ପାଇଥିବା ସାମସନ ୬ଟୁ ନିଜ ବିଶ୍ୱକପ ପଦାର୍ପଣର ଶୁଭାରମ୍ଭ କରିଥିଲେ । ପରବର୍ତ୍ତୀ ଓଭରରେ ସେ ଆଉ ୨ଟି ଛକା ଓ ଚୌକିଏ ୨୨ ରନ କରି ବେନ ଶିକୋଙ୍ଗୋଙ୍କ ବଲରେ ଆଉଟ ହୋଇ ଯାଇଥିଲେ । ସାମସନ ଆଉଟ ହୋଇଥିଲେ ହେଁ ଶୁଭମନ କିଶନ ନିଜର ବିସ୍ଫୋରକ ରୂପ ଦେଖାଇଥିଲେ । ସେ ପାୱାର ପ୍ଲେରେ ଦ୍ୱିତୀୟ ଥର ପାଇଁ ନିଜ ଟି-୨୦ କ୍ୟାରିୟରରେ ଅର୍ଦ୍ଧଶତକ ହାସଲ କରିଥିଲେ । ୨୦ ବଲରେ ୫୦ ରନ ପୂରଣ କରିବା ପରେ ସେ ବଡ଼ ଶଟ ଖେଳିବା ଆରମ୍ଭ କରିଥିଲେ । ଭାରତ ମଧ୍ୟ ୬ ଓଭର ସୁଦ୍ଧା ବଳସ୍ତ ସ୍କୋରକୁ ୮୬ ରନରେ ପଛଡ଼ାଇ ଦେଇଥିଲା । କିନ୍ତୁ ୭ମ ଓଭରର ପ୍ରଥମ ବଲରେ ନାମିବିୟା ଅଧିନାୟକ ଗେରହାର୍ଡ ଇରାସମସଙ୍କୁ ଛକା ମାରିବାକୁ ଯାଇ କିଶନ ବାଉଣ୍ଡରୀ ପାଖରେ ଧରା ପଡ଼ି ଯାଇଥିଲେ । ସେ ଆଜି ୫ଟି ଛକା ଓ ୬ଟି ଚୌକା ବଳରେ ୬୧ ରନର ଇନିଂସ ଖେଳିଛନ୍ତି । ତିନିଜଣ ବର୍ମା ଓ ଅଧିନାୟକ ସୂର୍ଯ୍ୟ କୁମାର ଯାଦବଙ୍କୁ ଭଲ ଷ୍ଟାର୍ଟ ମିଳିଥିଲେ ହେଁ ଉଭୟ ବଡ଼ ସ୍କୋର କରିବାକୁ ସକ୍ଷମ ହୋଇ ନାହାନ୍ତି । ତିନିଜଣ ୨୧ ବଲରେ ୨୫ ଓ ସୂର୍ଯ୍ୟ କୁମାର ୧୩ ବଲରେ ୧୨ ରନ କରି ଯଥାକ୍ରମେ ଇରାସମସ ଓ ଗେରହାର୍ଡ ସ୍ମୋଲଙ୍କ ବଲରେ ପ୍ୟାଭିଲିୟନ ଫେରିଥିଲେ । ୧୧.୫ ଓଭର ସୁଦ୍ଧା ଭାରତ ୧୨୪ ରନରେ ୪ ଉଇକେଟ ହରାଇଥିଲା । ଏତିକି ବେଳେ ପାଣ୍ଡ୍ୟା ଓ ଶିବମ ଦୁବେ ସ୍ଥିତି ସମ୍ଭାଳିଥିଲେ । ଦୁବେ ବେଶ ସତର୍କତାର ସହ ବ୍ୟାଟିଂ କରୁଥିବା ବେଳେ ପାଣ୍ଡ୍ୟା ନିଜର ବିସ୍ଫୋରକ ରୂପ ଦେଖାଇଥିଲେ । ସେ ଚୌକା-ଛକା ବର୍ଷା କରି ବଳସ୍ତ ସ୍କୋରକୁ ଆଗକୁ ନେଇଥିଲେ । ୧୮ ଓଭର ସୁଦ୍ଧା ବଳସ୍ତ ସ୍କୋରକୁ ୧୯୯ ରନରେ ପହଞ୍ଚାଇ ଦେଇଥିଲେ । ୧୯ତମ ଓଭରର ପ୍ରଥମ ବଲରେ ସେ ଛକା ମାରି ଭାରତୀୟ ସ୍କୋରକୁ ୨୦୦ ଓ ନିଜର ବ୍ୟକ୍ତିଗତ ଅର୍ଦ୍ଧଶତକ ହାସଲ କରିଥିଲେ । ତେବେ ପରବର୍ତ୍ତୀ ବଲେ ଇରାସମସ ତାଙ୍କୁ ଆଉଟ କରି ଭାରତକୁ ୫ମ ଝଟକା ଦେଇଥିଲେ । ପାଣ୍ଡ୍ୟା ଓ ଶିବମ ଦୁବେ ପ୍ରତି ସମ୍ଭାଳିଥିଲେ । ଦୁବେ ବେଶ ସତର୍କତାର ସହ ବ୍ୟାଟିଂ କରୁଥିବା ବେଳେ ପାଣ୍ଡ୍ୟା ନିଜର ବିସ୍ଫୋରକ ରୂପ ଦେଖାଇଥିଲେ । ସେ ଚୌକା-ଛକା ବର୍ଷା କରି ବଳସ୍ତ ସ୍କୋରକୁ ଆଗକୁ ନେଇଥିଲେ । ୧୮ ଓଭର ସୁଦ୍ଧା ବଳସ୍ତ ସ୍କୋରକୁ ୧୯୯ ରନରେ ପହଞ୍ଚାଇ ଦେଇଥିଲେ । ୧୯ତମ ଓଭରର ପ୍ରଥମ ବଲରେ ସେ ଛକା ମାରି ଭାରତୀୟ ସ୍କୋରକୁ ୨୦୦ ଓ ନିଜର ବ୍ୟକ୍ତିଗତ ଅର୍ଦ୍ଧଶତକ ହାସଲ କରିଥିଲେ । ତେବେ ପରବର୍ତ୍ତୀ ବଲେ ଇରାସମସ ତାଙ୍କୁ ଆଉଟ କରି ଭାରତକୁ ୫ମ ଝଟକା ଦେଇଥିଲେ । ଫାଇନ୍ଲ ଲେଗ ଅଂଚଳରେ ବଦଳ ଖେଳାଳି ଉସଲନ ଲେଟରେ ଚମତ୍କାର ବ୍ୟାଚ ମାଧ୍ୟମରେ ପାଣ୍ଡ୍ୟାଙ୍କ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି । ପାଣ୍ଡ୍ୟା ୨୮ ବଲରେ ୪ ଛକା ଓ ୪ ଚୌକା ବଳରେ ୫୨ ରନର ଇନିଂସ ଖେଳିଛନ୍ତି । ପାଣ୍ଡ୍ୟାଙ୍କ ବଳରେ ରିଙ୍କୁ ସିଂହ ଆସିଥିଲେ ହେଁ ସେପରେ ଦୁବେ(୧୬ ବଲରେ ୨୩) ରନ ଆଉଟ ହୋଇଯାଇଥିଲେ । ସମାନ ଓଭରର ଶେଷ ବଲରେ ଅକ୍ଷର ପଟେଲଙ୍କୁ ବୋଲ୍ଡ କରି ଇରାସମସ ମ୍ୟାଚ୍‌ରେ ନିଜର ୪ଟି ସଫଳତା ହାସଲ କରିଥିଲେ । ଭାରତ ୨୦୬ ରନରେ ନିଜର ୭ମ ଉଇକେଟ ହରାଇଥିଲା । ଶେଷ ଓଭର ବୋଲିଂ କରିବାକୁ ଆସିଥିଲେ ଡେଭେନ ସ୍ମିଥ । ପ୍ରଥମ ବଲରେ ରିଙ୍କୁ ସିଂହ କୌଣସି ରନ କରିପାରି ନାହାଁନ୍ତି । ଦ୍ୱିତୀୟ ବଲ ବାଉଣ୍ଡରୀ ପାଖକୁ ଯାଇଥିଲେ ହେଁ ରିଙ୍କୁ ସିଙ୍ଗଲ ନ ନେଇ ଷ୍ଟ୍ରାଇକ ନିଜ ପାଖରେ ରଖିଥିଲେ । ତୃତୀୟ ବଲରେ ଛକା ମାରିବାକୁ ଯାଇ ସେ ଆଉଟ ହେବା ସହ ଭାରତର ୮ମ ଉଇକେଟର ପତନ ହୋଇଥିଲା । ପରବର୍ତ୍ତୀ ବଲରେ ଅର୍ଶଦୀପ ୧ ରନ ହାସଲ କରିଥିଲେ । ୬ମ ବଲରେ ମଧ୍ୟ ବରୁଣ ଚକ୍ରବର୍ତ୍ତୀ ୧ ରନ ନେଇଥିଲେ ଶେଷ ବଲରେ ଅର୍ଶଦୀପ ୨ ରନ ନେଇଥିବା ବେଳେ ରନ ଆଉଟ ହେବାରୁ ଭାରତ ୨୦୯ ରନ କରିବାକୁ ସକ୍ଷମ ହୋଇଥିଲା ।

ବାବର ଆଜମଙ୍କ ଧିମା ବ୍ୟାଟିଂ ପାଇଁ ମଜାକ୍ ଉଡ଼ାଇଲେ ନିଜ ଦେଶର ଖେଳାଳି

ନୂଆଦିଲ୍ଲୀ, ୧୨/୨(ନ୍ୟୁ.ଏ): ଧିମା ବ୍ୟାଟିଂ ପାଇଁ ସର୍ବଦା ସମାଲୋଚନାର ଶିକାର ହୋଇଥାନ୍ତି ପାକିସ୍ତାନୀ ବ୍ୟାଟର ବାବର ଆଜମ । କିନ୍ତୁ ବାବର ଭାବେ ପରିଚିତ ଏହି ଖେଳାଳିଙ୍କୁ କିନ୍ତୁ ନିଜ ଦେଶର ଖେଳାଳିମାନେ ମଧ୍ୟ ସମାଲୋଚନା କରିଥାନ୍ତି । ଏବେ ପୁଣି ନିଜ ଦେଶର ପୂର୍ବ ପୂର୍ବତନ ଖେଳାଳି ତାଙ୍କ ମଜାକ୍ କରିଛନ୍ତି । ଭାରତ ବିପକ୍ଷ ମ୍ୟାଚ ପୂର୍ବରୁ ତାଙ୍କ ଧିମା ବ୍ୟାଟିଂକୁ ନେଇ ଲାଇଭ ଶୋ'ରେ ମଜା କରିଛନ୍ତି । ମହମ୍ମଦ ଅମୀର ପୁଣିଥରେ ତାଙ୍କ ଅବସର ପ୍ରସଙ୍ଗ ଉଠାଇଥିବାବେଳେ ଅହମ୍ମଦ ଶେହେଜାଦ୍ ବାବରଙ୍କ ଷ୍ଟ୍ରାଇକ୍ ରେଟକୁ ନେଇ ଡିନର ପାର୍ଟି ଦେବାକୁ କହି ଖୁବ୍ ହସିଥିଲେ । ଯାହାର ଭିତ୍ତିରେ ଏବେ ସୋସିଆଲ ମିଡିଆରେ ବେଶ ଭାଇରାଲ ହେବାରେ ଲାଗିଛି । ଅହମ୍ମଦ କହିଛନ୍ତି କି, ବାବର ଯଦି ୧୫୦ରୁ ଅଧିକ ଷ୍ଟ୍ରାଇକ୍ ରେଟରେ ରନ କରି ଯଦି ପାକିସ୍ତାନକୁ କୌଣସି ମ୍ୟାଚ ଜିତାଇ ଦିଅନ୍ତି ତାହେଲେ ସେ ଡିନର ପାର୍ଟି ଦେବେ । ଏହାସହ ମହମ୍ମଦ ଆମୀର କହିଥିଲେ କି, ବାବର ଯଦି ୧୬୦ରୁ ଅଧିକ ଷ୍ଟ୍ରାଇକ୍ ରେଟରେ ଖେଳନ୍ତି ତାହେଲେ ସେ ନିଜର ଅବସରକୁ ପ୍ରତ୍ୟାହାର କରିବେ । ପୁଣିଥରେ ପାକିସ୍ତାନ ପାଇଁ ଖେଳିବେ । ଏହାପରେ ଲତିଫ କହିଥିଲେ କି, ବାବର ତ ଏତେ ସମୟ ପର୍ଯ୍ୟନ୍ତ ଖେଳନ୍ତି ନାହିଁ । ଯାହା ଶୁଣିବା ପରେ ଭଲୟ ହସିଥିଲେ । ଲାଇଭ୍ ଚିଟ୍ ଶୋ' ସମୟରେ ବାବରଙ୍କ ଧିମା ବ୍ୟାଟିଂ ଏବଂ ପ୍ରଦର୍ଶନକୁ ନେଇ ଏଇଟି ମଜାକ ଉଡ଼ାଇଥିବାବେଳେ ଏହାର ଭିତ୍ତିରେ ଏବେ ସୋସିଆଲ ମିଡିଆରେ ବେଶ ଭାଇରାଲ ହେବାରେ ଲାଗିଛି । ଟି-୨୦ରେ ୧୩୦ରୁ କମ୍ ଷ୍ଟ୍ରାଇକ୍ ରେଟରେ ଖେଳୁଥିବା ବାବର ସବୁବେଳେ ସମାଲୋଚକଙ୍କ ଶିକାର ହୋଇଥାନ୍ତି । ଅଧିକାଂଶ ସମୟରେ ନିଜ ଦେଶର ଖେଳାଳିମାନେ ହିଁ ତାଙ୍କୁ ସମାଲୋଚନା କରିବା ସହ ଟ୍ରୋଲ ମଧ୍ୟ କରିଥାନ୍ତି ।

ଏସୀୟ ସୁଟିଂ: ସ୍ୱର୍ଣ୍ଣ ଜିଣିଲେ ତୋମର

ନୂଆଦିଲ୍ଲୀ, ୧୨/୨(ନ୍ୟୁ.ଏ): ଦିଲ୍ଲୀର ଡ. କର୍ଣ୍ଣି ସିଂ ସୁଟିଂ ରେଞ୍ଜରେ ଅନୁଷ୍ଠିତ ଏସୀୟ ସୁଟିଂ ଚାମ୍ପିୟନସିପ୍‌ରେ ଭାରତ ଆଉ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛି । ପୁରୁଷ ୫୦ ମିଟର ରାଇଫଲ୍ ଇଭେଣ୍ଟରେ ଭାରତର ଐଶ୍ୱାରି ପ୍ରତାପ ସିଂ ତୋମାର ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ଭାରତର ନୀରଜ କୁମାର ଗୋପା ଓ ଅଞ୍ଜୁମ ସେଖୋନ କାଂସ୍ୟ ପଦକ ଜିତିଛନ୍ତି । ପାଇନାଲ ସଟ୍‌ରେ ତୋମାର ୧୦.୭ ପଏଂଟ ହାସଲ କରିଥିବାବେଳେ ନୀରଜ ୧୦.୩ ପଏଂଟ ହାସଲ କରିଥିଲେ । ଆଜିର ବିଜୟ ସହ ତୋମାର ନିଜର ଗତବର୍ଷର ସଫଳତାକୁ ଦୋହରାଇଛନ୍ତି । ଗତ ବର୍ଷ କାଜାଖସ୍ତାନର ସିମକେଣ୍ଟରେ ଅନୁଷ୍ଠିତ ଏସୀୟ ସୁଟିଂରେ ତୋମାର ସ୍ୱର୍ଣ୍ଣ ପଦକ ଜିତିଥିଲେ । ଯୋଗ୍ୟତା ପର୍ଯ୍ୟାୟରେ ଭାରତ ୧୭୬୯ ପଏଂଟ ସହ ବଳଗତ ସ୍ୱର୍ଣ୍ଣ ଜିତି ଥିବାବେଳେ ୧୭୫୪ ପଏଂଟ ସହ ଜାପାନ ଗୋପା ଓ ୧୭୪୮ ପଏଂଟ ସହ କାଜାଖସ୍ତାନ କାଂସ୍ୟ ପଦକ ଜିତିଛି । କନିଷ୍ଠ ପୁରୁଷ ୫୦ ମିଟର ପାଇନାଲରେ ଭାରତର ଆନ୍ଦ୍ରିଆନ କର୍ମାକର ୩୫୩.୨ ପଏଂଟ ସହ ବିଶ୍ୱ ରେକର୍ଡ କରି ସ୍ୱର୍ଣ୍ଣ ହାସଲ କରିଛନ୍ତି । ଚଳିତ ପ୍ରତିଯୋଗିତାରେ ଏହା ତାଙ୍କର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ।

ଅମ୍ପାୟାରଙ୍କ ନିଷ୍ପତ୍ତି ଅମାନ୍ୟ କରି ୧୫% ମ୍ୟାଚ୍ ଫି ହରାଇଲେ ନବି

ଅହମଦାବାଦ, ୧୨/୨(ନ୍ୟୁ.ଏ): ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍ ସମୟରେ ଅମ୍ପାୟାରଙ୍କ ନିଷ୍ପତ୍ତି ଅମାନ୍ୟ କରି ଦଣ୍ଡିତ ହୋଇଛନ୍ତି ଆଫଗାନିସ୍ତାନର ବରିଷ୍ଠ ଅଲ୍‌ରାଉଣ୍ଡର ମହମ୍ମଦ ନବି । ତାଙ୍କ ମ୍ୟାଚ୍ ଫିର ୧୫ ପ୍ରତିଶତ କଟା ଯାଇଛି । ଘଟଣାଟି ଆଫଗାନିସ୍ତାନ ଇନିଂସର ୧୪ତମ ଓଭରରେ ଘଟିଥିଲା । ଦକ୍ଷିଣ ଆଫ୍ରିକୀୟ ବୋଲର ଲୁଙ୍ଗି ଏନଗିଡିଙ୍କ ହାତରେ ଥିବା ଏକ ଶିଷ୍ଟବ୍ୟାଣ୍ଡ ଉପରେ ନବି ଆଘାତ ଖାଇଥିଲେ । ଏଥିକୁ ନେଇ ସେ ଦୀର୍ଘ ସମୟ ଧରି ଅମ୍ପାୟାରଙ୍କ ସହ ଯୁକ୍ତିତର୍କ କରିଥିଲେ । ସେ ଆଇସିସି ଆଚରଣ ବିଧିର ଧାରା ୨.୪ ଉଲ୍ଲଙ୍ଘନ କରିଥିବା ପ୍ରମାଣିତ ହେବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା । ଜରିମାନା ଆକାରରେ ତାଙ୍କ ମ୍ୟାଚ୍ ଫିର ୧୫ ପ୍ରତିଶତ କଟାଯାଇଛି । ଏହା ସହିତ ତାଙ୍କୁ ଗୋଟିଏ ଡିମେରିଟ୍ ପଏଂଟ୍ ପ୍ରଦାନ କରାଯାଇଛି । ପଡ଼ିଆରେ ଥିବା ଅମ୍ପାୟାର କୟରନନ ମଦନଗୋପାଳ ଓ କର୍ଫୁଡୋଲୁ ଜବନ ସହିତ, ତୃତୀୟ ଅମ୍ପାୟାର ନିତିନ ମେନନ ଓ ଚତୁର୍ଥ ଅମ୍ପାୟାର କେଏନ ଅନନ୍ତପଦ୍ମନାଭନ ନବିଙ୍କ ବିରୋଧରେ ଏହି ଅଭିଯୋଗ କରିଥିଲେ । ଆଇସିସି ମ୍ୟାଚ୍ ରେଫରି ଅନ୍ତର୍ଜାତୀୟ ପ୍ୟାନେଲ୍ ତରଫରୁ ଡେଭିଡ୍ ବିଲବର୍ଡ ଏହି ଦଣ୍ଡବିଧାନ ଘୋଷଣା କରିଥିଲେ । ନବି ନିଜର ତ୍ରୁଟି ସ୍ୱୀକାର କରିବା ସହ ଦଣ୍ଡବିଧାନକୁ ଗ୍ରହଣ କରିଛନ୍ତି ବୋଲି ଆଇସିସି ପକ୍ଷରୁ କୁହାଯାଇଛି ।

ଓମାନକୁ ହରାଇ ଶୀର୍ଷରେ ଶ୍ରୀଲଙ୍କା

ପାଲେକେଲ, ୧୨/୨(ନ୍ୟୁ.ଏ): ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ସହଆୟୋଜକ ଶ୍ରୀଲଙ୍କାର ଜୟଯାତ୍ରା ଜାରି ରହିଛି । ଗୁରୁବାର ଗ୍ରୁପ୍-ବି'ର ଅନ୍ୟତମ ଏକତରଫା ମୁକାବିଲାରେ ଓମାନକୁ ୧୦୫ ରନ୍‌ର ବଡ଼ ବ୍ୟବଧାନରେ ହରାଇ ଲଗାତାର ଦ୍ୱିତୀୟ ବିଜୟ ହାସଲ କରିଛି ସିଂହଳୀ ଦଳ । ଲଗାତାର ବିଜୟ ସହ ଶ୍ରୀଲଙ୍କା ମଧ୍ୟ ଏହି ଗ୍ରୁପ୍‌ର ପଏଂଟ୍ ତାଲିକାର ଶୀର୍ଷ ସ୍ଥାନ ଅଧିକାର କରି ନେଇଛି । ଅନ୍ୟପକ୍ଷରେ ଓମାନ ଦୁଇଟି ମ୍ୟାଚ୍‌ରୁ ଦୁଇଟି ଯାକ ହାରି ସାବଶେଷ ସ୍ଥାନରେ ଅପରିବର୍ତ୍ତିତ ରହିଛି । ଓମାନ ଆଜି ଟସ୍ ଜିତି ଶ୍ରୀଲଙ୍କାକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ୪୨ ରନ୍‌ରେ ୨ ଉଇକେଟ୍ ନେଇ ଯରୋଇ ଦଳ ଉପରେ ଚିଛିଟା ଚାପ ସୃଷ୍ଟି କରିବାକୁ ବି ସକ୍ଷମ ହୋଇଥିଲା । ଏହା ପରେ କିନ୍ତୁ ମାତ୍ରାଧିକ ଆତ୍ମବିଶ୍ୱାସୀ ହୋଇ ଏହି ବଳର ଅନଲିଙ୍କ ବୋଲରମାନେ ବିଫଳତା ହୋଇଥିଲେ । ଶ୍ରୀଲଙ୍କା ଉପରେ ଚାପ ବଜାୟ ରଖିବାର ସୁବର୍ଣ୍ଣ ସୁଯୋଗ ହାତଛଡ଼ା କରିଥିଲେ । ସେମାନଙ୍କ ଲକ୍ଷ୍ୟହୀନ ବୋଲିଂରୁ ପୂରା ଫାଇଦା ଉଠାଇଥିଲା ଓରୋଇ ଦଳ । ପ୍ରାରମ୍ଭିକ ଝଟକାକୁ ସଫଳତାର ସହ ପ୍ରତିହତ କରି ତିନିଟି ଅର୍ଦ୍ଧଶତକ ବଳରେ ୨୨୫/୫ର ବଡ଼ ସ୍କୋର କରି ନେଇଥିଲା । କୁଶାଲ ମେଣ୍ଡିସ ଏହି ସଫଳ ପ୍ରତ୍ୟାବର୍ତ୍ତନର ମୁମ୍ବାଣ କିଦ୍ଧାଣି ଥିଲେ । ତାଙ୍କ ସହ ଯୁବ ତାରକା ପବନ ରତ୍ନାୟକ୍ ଏବଂ ଅଧିନାୟକ ଦାସୁନ ସନକା ଉପଯୋଗୀ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ତିନିଜଣ ଯାକ ଯଥାକ୍ରମେ ୩୯, ୨୪ ଓ ୧୯ ବଲ୍‌ରୁ ଅର୍ଦ୍ଧଶତକ ଛୁଇଁଥିଲେ । ଶେଷ ଆଡ଼କୁ କାମିନ୍ଦୁ ମେଣ୍ଡିସ୍ ମାତ୍ର ୭ ବଲ୍‌ରୁ ୧୯ ରନ୍‌ର ଅପରାଜିତ ପାଳି ଖେଳିଥିଲେ । ପ୍ରତିପକ୍ଷ ଦଳର କିଡେନ ରାମନନ୍ଦୀ ସର୍ବାଧିକ ୨ ଉଇକେଟ୍ କରାୟତ କରିଥିଲେ । ଜବାବରେ ଓମାନର ପଦ୍ଧାତଧାବନ ଥିଲା ଅତ୍ୟନ୍ତ ବିପର୍ଯ୍ୟୟ କରା । ଏହି ବଳର ପ୍ରଥମ ତିନି ବ୍ୟାଟର ଏକ ଅଙ୍କରେ ସୀମିତ ରହିଥିଲେ । ମ୍ୟାଚ୍‌ର ମୋଡ଼ ବଦଳାଇବା ଭଳି ଭାଗୀଦାର ଲାଗି ଓମାନ ବ୍ୟାଟରମାନେ ବଗାବଗ ଝୁଝିଥିଲେ । ହେଲେ ଏଥିରେ ଟିକିଏ ହେଲେ ବି ସଫଳ ହୋଇ କଯିଲେ । କେବଳ ମହମ୍ମଦ ନଦୀମ ଅର୍ଦ୍ଧଶତକୀୟ ପାଳି ଖେଳି ଛିଟିପୁଟି ବଳକିଛି ଚମତ୍କାର ଛାଡ଼ିଥିଲେ । ଓମାନ ଅଲୀ ଦ୍ୱିତୀୟ ସର୍ବାଧିକ ୨୭ ରନ୍ କରିଥିଲେ । ଅନ୍ୟମାନେ ପୂରା ନିରାଶ କରିଥିଲେ । ଫଳରେ ନିର୍ଦ୍ଧାରିତ ୨୦ ଓଭରରେ ଓମାନ ୯ ଉଇକେଟ୍ ହରାଇ ମାତ୍ର ୧୨୦ ରନ୍ ହିଁ କରିପାରିଥିଲା । ଧୂଳିଧାରର ପାଳି ପାଇଁ ଲାଏକ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

ନିର୍ବାଚନୀ ମାହୋଲ ଭିତରେ ବାଂଲାଦାଶରେ ହିଂସା; ହିନ୍ଦୁ ଯୁବକଙ୍କୁ ହତ୍ୟା

ନୂଆଦିଲ୍ଲୀ, ୧୨/୨(ନ୍ୟୁ.ଏ): ବୁଧବାର ବାଂଲାଦେଶର ମୌଲଭିବଜାର ଜିଲ୍ଲାରେ ଜଣେ ୨୮ ବର୍ଷୀୟ ହିନ୍ଦୁ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ଏକ ଅସ୍ଥିର ରାଜନୈତିକ ପରିବେଶ ମଧ୍ୟରେ ନିର୍ବାଚନ ହିଂସାକୁ ନେଇ ସଂଖ୍ୟାଲଘୁଙ୍କୁ ଚିନ୍ତା ଘାରିଛି । ପୁଲିସ କହିଛି ଯେ, ଲସକରପୁର ଯୁନିଅନ ଅନ୍ତର୍ଗତ ଚମାର ଚା' ବଗିଚାର ଜଣେ କର୍ମଚାରୀଙ୍କ ରତନ ଶୁଭୋଳକରଙ୍କ ମୃତଦେହ ମିଳିଥିଲା । ଗଳାର ସମ୍ମୁଖରେ ତାଙ୍କ ହାତ ଏବଂ ଗୋଡ଼ ବନ୍ଧା ହୋଇଥିଲା । ଡେଲି ଷ୍ଟାର ରିପୋର୍ଟ ଅନୁସାରେ, ସ୍ଥାନୀୟ ଲୋକେ ସକାଳ ପ୍ରାୟ ୧୦ଟାରେ ସେ କାମ କରୁଥିବା ଚା' ବଗିଚାରେ ତାଙ୍କ ମୃତଦେହ ଦେଖି କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । ପ୍ରତ୍ୟକ୍ଷଦର୍ଶୀଙ୍କ ରିପୋର୍ଟ ଅନୁସାରେ, କରଙ୍କ ମୃତଦେହ ରକ୍ତାକ୍ତ ଅବସ୍ଥାରେ ପଡ଼ିରହିଥିବା ବେଳେ ତାଙ୍କ ଶରୀରରେ କ୍ଷତ ଚିହ୍ନ ଥିଲା । ତାଙ୍କର ଜଣେ ସହକର୍ମୀ ଅଭିଯୋଗ କରିଛନ୍ତି ଯେ, କରଙ୍କୁ ଅନ୍ୟ କୌଣସି ସ୍ଥାନରେ ହତ୍ୟା କରାଯାଇଥିବାରୁ ଏବଂ ପରେ ମୃତଦେହକୁ ସେହି ସ୍ଥାନରେ ଫିଙ୍ଗି ଦିଆଯାଇଛି । ଡେଲି ଷ୍ଟାର ରିପୋର୍ଟରେ କୁହାଯାଇଛି ଯେ, କିଛି ସ୍ଥାନୀୟ ଲୋକଙ୍କ କହିବାନୁସାରେ, କରଙ୍କ ମୃତ୍ୟୁ ନିର୍ବାଚନ ସହିତ ଜଡ଼ିତ ହୋଇପାରେ, କିନ୍ତୁ ଏ ସମ୍ପର୍କରେ କୌଣସି ପ୍ରମାଣ ମିଳିନାହିଁ । କହିବାଯୁଗୁଛି ଯେ, କରଙ୍କ ବଡ଼ ଭାଇ ଲକ୍ଷ୍ମଣ କର ବାଂଲାଦେଶୀ ଆଜଟଲେବ୍ ଙ୍କୁ କହିଛନ୍ତି ଯେ, 'ପରିବାର ମଙ୍କଳବାର ରାତିରୁ ସେ ନିଖୋଜ ଥିବା ବେଳେ ତାଙ୍କୁ ଖୋଜାଖୋଜି କରୁଥିଲେ । ଆଜି ସକାଳେ ତାଙ୍କ ମୃତଦେହ ଚା' ବଗିଚାରେ ପଡ଼ିଥିବାର ସେ ଖବର ପାଇଲେ । ତାଙ୍କୁ କାହିଁକି ହତ୍ୟା କରାଯାଇଛି ତାହା ଆମେ ଜାଣି ନାହିଁ,' ବୋଲି ସେ କହିଛନ୍ତି । ପୁଲିସ କହିଛି ଯେ, ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ଏବଂ ଏହି ହତ୍ୟା ନିର୍ବାଚନ ସହ ଜଡ଼ିତ କି ଅନ୍ୟ କୌଣସି ଜାତୀୟ ଘଟଣା ସହିତ ସମ୍ପର୍କ ରହିଛି ତାହା ସ୍ପଷ୍ଟ ପାଇଁ ତଦନ୍ତ ଚାଲିଛି । ଏ ପର୍ଯ୍ୟନ୍ତ ମୃତ୍ୟୁର କାରଣ କିମ୍ବା ପରିସ୍ଥିତି ସମ୍ପର୍କରେ କୌଣସି ସରକାରୀ ସୂଚନା ଜାରି କରାଯାଇନାହିଁ । ବାଂଲାଦେଶରେ ଜଣେ ହିନ୍ଦୁ ବ୍ୟବସାୟୀଙ୍କୁ ଅଜ୍ଞାତ ଆତ୍ମୀୟମାନେ ନିର୍ମମ ଭାବରେ ହତ୍ୟା କରିବାର କିଛି ଦିନ ପରେ ଏହି ହତ୍ୟାକାଣ୍ଡ ଘଟିଛି । ଏହି ହତ୍ୟାକାଣ୍ଡ ବାଂଲାଦେଶର ଜାମାଲପୁର ଜିଲ୍ଲାରେ ଘଟିଥିଲା, ଯେଉଁଠାରେ ଆଉ ଜଣେ ହିନ୍ଦୁ ବ୍ୟକ୍ତି ଦୀପୁ ଚନ୍ଦ୍ର ଦାସଙ୍କୁ ମଧ୍ୟ ଟିଟି ଟିଟି ହତ୍ୟା କରି ତାଙ୍କ ମୃତଦେହକୁ ପୋଡ଼ି ଦିଆଯାଇଥିଲା । ପୀଡ଼ିତ ବ୍ୟକ୍ତି ୬୨ ବର୍ଷୀୟ ସୁରେଶ ଚନ୍ଦ୍ର ସରକାର, ଯିଏ ଜଣେ ଚାଲାନ ବ୍ୟବସାୟୀ ଏବଂ ଦରିଶଲାଲା ଗାଁର ବାସି